ମୂଲ୍ୟ: ₹୧/-

ଧରିତ୍ରୀ
DHARITRI

# ସାହିତ୍ୟାଞ୍ଚଳ

ଡିସେମ୍ବର ୨୬, ୨୦୧୮ - ଜାନୁୟାରୀ ୮, ୨୦୧୯

**ସୃଜନ-ଆଳାପ** : ଗଗନେନ୍ଦ୍ରନାଥ ଦାଶ

**ପ୍ରଥମ ବହି** : ମୌସୁମୀ ପରିଡ଼ା

**ପହିଲି ପୁଲକ** : ରାଧାନାଥ ରଥ

**ଗପ** : ଡ. ଭବାନୀ ଶଙ୍କର ଦାଶ









# ସମର୍ପିତା

**ମୌସୁମୀ ପରିଡ଼ା**ଙ୍କ ଜନ୍ମ ୧୯ ଜୁନ୍ ୧୯୭୫ରେ, ଜଗତ୍‌ସିଂହପୁର ଜିଲା ନାଉଗାଁରେ। ପ୍ରକାଶିତ ଗଳ୍ପ ସଂକଳନ: 'ସମର୍ପିତା' (୧୯୯୪), 'ଯାଯାବରର ଘର' (୨୦୦୫), 'ଶିଉଳୀର ଛାଇ' (୨୦୦୮), 'ପରାଜିତ ସ୍ୱପ୍ନ' (୨୦୧୩), 'ଅଗଳ୍ପ ଗଳ୍ପ' (୨୦୧୫), 'ସ୍ୱୀକାରୋକ୍ତି' (୨୦୧୬), 'ସିକ୍ତ କବରୀ' (୨୦୧୭), 'ଈଶ୍ୱରଙ୍କୁ ଭେଟିଲା ପରେ' (୨୦୧୮) ଏବଂ 'ଉପନ୍ୟାସର ଶେଷ ପାରା' (୨୦୧୮)। ଖଣ୍ଡକାବ୍ୟ 'ପ୍ରତୀକ୍ଷା ଅନ୍ତେ' ଓ 'ଅନ୍ତଃସ୍ୱର ଏକ ସ୍ୱପ୍ନବିଳାସୀର' ପ୍ରକାଶିତ। ଓଡ଼ିଆ ସାହିତ୍ୟକୁ ନିଜର ସୃଜନ-ଅବଦାନ ପାଇଁ ମୌସୁମୀଙ୍କୁ ମିଳିଛି 'ବିଷ୍ଣୁପ୍ରିୟାଦେବୀ ସ୍ମୃତି ସମ୍ମାନ', 'ରାଜଧାନୀ ପୁସ୍ତକମେଳା ଗଳ୍ପ ପୁରସ୍କାର', 'କୁଞ୍ଜବିହାରୀ ଉପନ୍ୟାସ ପୁରସ୍କାର' (ଉତ୍କଳ ସାହିତ୍ୟ ସମାଜ ପ୍ରଦତ୍ତ) ଓ 'ପଶ୍ଚିମା ଉପନ୍ୟାସ ସମ୍ମାନ' (ଭୁବନେଶ୍ୱର ପୁସ୍ତକମେଳା ପ୍ରଦତ୍ତ)। ମୌସୁମୀଙ୍କ ଗଳ୍ପରେ ଥାଏ ଏକ ଭିନ୍ନଧର୍ମୀ କଥକତା, ଯାହା ପାଠକଙ୍କୁ ଅନ୍ତର୍ମୁଖୀ କରାଏ...


ମୌସୁମୀ ପରିଡ଼ା




୧୯୯୪ ମସିହା ଦୋଳପୂର୍ଣ୍ଣିମାରେ ପ୍ରକାଶିତ ଗଳ୍ପ ସଂକଳନ 'ସମର୍ପିତା' କେଇଖଣ୍ଡ ପାଇ ଖୁସିରେ ବିହ୍ୱଳ ହୋଇଯାଇଥିଲି। ଆଖି ପାଣିଚିଆ ଲାଗିଥିଲା। ଅବିଶ୍ୱସନୀୟ ସତ୍ୟତାରେ କିଛି କାଳ ଘାଣ୍ଟି ହୋଇଥିଲି। ମଲାଟରେ ଲେଖା ହୋଇଥିବା ନିଜ ନାଁଟା ଭାରି ଅପୂର୍ବ ଲାଗିଥିଲା ସେତେବେଳେ। ଅନେକ ସମୟ ଧରି ନିରେଖୁଥିଲି ସେ ନାଁକୁ। ବାପାବୋଉଙ୍କ ଆତ୍ମତୃପ୍ତି ପଢ଼ି ପାରିଥିଲି ସେମାନଙ୍କ ମୁହଁରୁ। ଅବଶ୍ୟ ଜେଜେ ବଞ୍ଚିଥିଲେ ଖୁସିରେ କାନ୍ଦି ପକାଇଥା'ନ୍ତେ। ତାଙ୍କ ଅଭାବଟା ବେଶୀ ଘାରେ (ଆଜି ବି) ବୋଲି ତାଙ୍କୁ ଉତ୍ସର୍ଗ କରିଥିଲି ମୋର ପ୍ରଥମ କୃତି 'ସମର୍ପିତା'। ଠାକୁରଘରକୁ ଯାଇ ବହିଟିକୁ ଜଗନ୍ନାଥଙ୍କ ପାଦତଳେ ରଖି ଦେଇଥିଲି। କାହିଁକି କେଜାଣି ସବୁ ଚିଜ ସେଇଠି ରଖିଦେଇ ନିଃସ୍ୱ ହୋଇଯିବାକୁ ଭାରି ଭଲ ଲାଗେ। ବନ୍ଧୁବାନ୍ଧବ, ହିତୈଷୀ ଓ ସ୍କୁଲ୍‌ର ସାର୍‌ମାନେ ବହି ପଢ଼ି ଖୁସିହୋଇ ଉତ୍ସାହିତ କରିଥିଲେ। ଏମିତିକି ଶୈଳବାଳା କଲେଜର ନିୟୁ ହଷ୍ଟେଲରେ ଥିବାବେଳେ ସାଙ୍ଗସାଥୀ ଓ ମ୍ୟାଡାମ୍‌ମାନେ ଖୁବ୍ ପ୍ରଶଂସା କରିଥିଲେ। ସେତେବେଳେ ଯୁକ୍ତ ତିନି ଦ୍ୱିତୀୟ ବର୍ଷର ବାର୍ଷିକ ପରୀକ୍ଷା ଅଳ୍ପଦିନ ବାକି ଥାଏ। ତେବେ ବି କିଛି ସାଙ୍ଗ ଗପପଢ଼ାରେ ମାତି ଯାଇଥିଲେ ସାରିବା ଯାଏଁ। ସେ ଖୁସି ଅବିସ୍ମରଣୀୟ ସବୁକାଳେ।

ପିଲାଦିନେ ଗପ ଶୁଣିନି କାହାଠୁ, କିନ୍ତୁ ଗପ ବହି ପଢ଼ିଛି। ସ୍କୁଲ୍‌ରେ ଗପ, କବିତା ଲେଖି ପ୍ରଶଂସିତ ହେବା ପରେ ବାପା ମୋତେ ଉତ୍ସାହିତ କରିବାକୁ ଓଡ଼ିଆରେ ଅନୁବାଦ ହୋଇଥିବା ବଙ୍ଗଳା, ହିନ୍ଦୀ ଓ ବିଶିଷ୍ଟ କେତେଜଣ ଓଡ଼ିଆ ଗାଳ୍ପିକଙ୍କ ଗପ ବହି ଆଣି ଦେଇଥିଲେ ପଢ଼ିବା ପାଇଁ। ସେତେବେଳେ ଲାଗୁଥିଲା ଲେଖକମାନେ ଭିନ୍ନ ଏକ ଜଗତର। ଏମାନଙ୍କ ଲେଖାରେ ଫୁଲ ଫୁଟେ, ଫଳ ପାଚେ, ଲୁହ ମୁକ୍ତା ପାଲଟେ, ଯନ୍ତ୍ରଣା ମୁଲାୟମ ସ୍ପର୍ଶଟେ ପରି କାଢ଼ିନିଏ ଯେତେକ ଅଷାଢ଼ତା।

କେବେ କେମିତି ଛୋଟଛୋଟ ଗପ ଓ କବିତା ଲେଖୁଥିଲି। ବାପା ସେସବୁକୁ ପଢ଼ି ବହିଟେ କରିବାକୁ ମନ ବଳେଇଥିଲେ। 'ସମର୍ପିତା' ଜନ୍ମନେଲା ତା'ର ବହୁବର୍ଷ ପରେ। ସେତେବେଳେ ଗପ, ଉପନ୍ୟାସର ସାମାଜିକ ଆଦୃତି ଥିଲା। ପାଠକମାନଙ୍କ ସଂଖ୍ୟା ଓ ପ୍ରତିକ୍ରିୟା ଉତ୍ସାହଜନକ ଥିଲା। ଏବେ ଲେଖକ ହିଁ ପାଠକ, ସମୀକ୍ଷକ।




ପ୍ରଥମ ବହିଟିର ସଫଳତାର କାହାଣୀ କହୁକହୁ ଅଟକିଯାଏ ଗୋଟେ ଜାଗାରେ- ସେଇଠି ଆରମ୍ଭ ହୁଏ ପଛୁଆ ଦୌଡ଼ଟେ- 'ଆହା ସେତେବେଳେ ଯଦି ବହି ପ୍ରକାଶିତ ହୋଇ ନ ଥାନ୍ତା, ହୁଏତ ସୁଖଦ କର୍ମମୟ ଜୀବନଟେ ବିତାଇ ପାରିଥାନ୍ତି।' ଓଡ଼ିଶା ଭଳି ରାଜ୍ୟରେ ଲେଖାକୁ ନେଇ ସ୍ୱପ୍ନ ଦେଖିବା ଓ ବଞ୍ଚିବା ପାଗଳର ପ୍ରଳାପ ପରି ଅଯୌକ୍ତିକ। ତେବେ ଚବିଶ ପୂରି ପଚିଶ ଚାଲିଲା 'ସମର୍ପିତା'କୁ। ଆଜି ଅନେକ ଦିନ ପରେ ବହିଟିକୁ ହାତରେ ନେଇ କଲେଜ ପିଲା ପାଲଟିଗଲି। ସେତିକିର ଅନୁଭବ କ'ଣ କମ୍ କଥା କି!

# ସାହିତ୍ୟାୟନ ଏକ କ୍ଷୁଦ୍ର ପାଠାଗାର ପରି...




ମହାଶୟ,

* ୧୪ ନଭେମ୍ବର ୨୦୧୮ 'ସାହିତ୍ୟାୟନ'ରେ 'ପ୍ରଥମ ବହି'ରେ ପ୍ରକାଶିତ ସୁମିତ୍ରା ରାୟ ପଟ୍ଟନାୟକଙ୍କ ପ୍ରଥମ ବହି 'ସ୍ମୃତି' ଭଲ ଲାଗିଲା। କବିତା ସ୍ତମ୍ଭରେ 'ସେ ଆସିଥିଲା', 'ତୁମ ପାଇଁ', 'ସୁଖ' ଓ 'ଦଣ୍ଡ' ସୁଖପାଠ୍ୟ ଏବଂ ବୋଧଗମ୍ୟ। 'ମହାକାଶ କୂଜନ' କୃଷ୍ଣଗର୍ତ୍ତ ସମ୍ବନ୍ଧରେ ଏକ ତାତ୍ତ୍ୱିକ ବିଜ୍ଞାନଭିତ୍ତିକ ଲେଖା। ମିନିଗଳ୍ପ ହେଲେ ହେଁ 'ଗୁଣ୍ଡା' ମା'ଙ୍କର ସନ୍ତାନ ପ୍ରତି କର୍ତ୍ତବ୍ୟ ଓ ମମତ୍ୱବୋଧ ବହନ କରିଥିବାରୁ ଭଲ ଲାଗିଲା। ବିଶିଷ୍ଟ ଚିତ୍ରକର ଅସୀମ ବସୁଙ୍କ ଜୀବନୀ ଓ ତାଙ୍କର ସର୍ଜନା-କବିତା-ବାରୁଦର ଗନ୍ଧ ଡେଇଁ, ଗଳ୍ପ 'ପଦ୍ମ ପରାଗ' ପଢ଼ି ସେ ପ୍ରଖ୍ୟାତ ଦିବଂଗତ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି। ଲେଖକ ସେ ମହାଶୟଙ୍କ ସଭାପତିତ୍ୱରେ 'ଗୋଦାବରୀଶ ସାହିତ୍ୟ ସଂସଦ'ରେ ଅନେକଥର ଗଳ୍ପ-କବିତା ପାଠ କରି ତାଙ୍କଠାରୁ ସାବାସି ପାଇଥିବାରୁ ଉତ୍ସାହିତ ହୋଇଛି। 'ସାହିତ୍ୟାୟନ'ରେ ଫତୁରାନନ୍ଦଙ୍କର କିଛି ଲେଖା ସାମୟିକ ଭାବେ ଦିଅନ୍ତୁ। 'ସାହିତ୍ୟାୟନ' ଏକ କ୍ଷୁଦ୍ର ପାଠାଗାର ପରି ଓ ମୁଁ ଏହି ପାଠାଗାରର ଜଣେ ପାଠକ।

*- ଶ୍ରୀରାମ ଚନ୍ଦ୍ର ଦାଶ (ମଳୟ),*
*ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ*

* ନଭେମ୍ବର ୨୮ - ଡିସେମ୍ବର ୧୧ ସଂଖ୍ୟା ଆମର ହସ୍ତଗତ ହେଲା। 'ସାହିତ୍ୟାୟନ'ର ଏକ ସ୍ୱତନ୍ତ୍ରତା ହେଉଛି ଏହାର ପ୍ରଚ୍ଛଦପଟ। ଏଥରର ପ୍ରଚ୍ଛଦପଟଟି ଅତ୍ୟନ୍ତ ଚମତ୍କାର ହୋଇଛି। 'ସୃଜନ-ଆଳାପ'ରେ ସ୍ୱନାମଧନ୍ୟ ହିନ୍ଦୀ କଥାକାର ଗୋବିନ୍ଦ ମିଶ୍ରଙ୍କ ସାକ୍ଷାତ୍‌କାର ପ୍ରକାଶ ପାଇଛି। ଏଥିସହିତ ମିଶ୍ର ମହାଶୟଙ୍କର ଏକ ଗଳ୍ପ ପ୍ରକାଶ ପାଇଥିଲେ (ଅନୂଦିତ ହୋଇ) ଭଲ ହୋଇଥାଆନ୍ତା। ହିରଣ୍ମୟୀ ମିଶ୍ରଙ୍କ ବିଶେଷ ଗପ 'ରାତିର ସହର' ଶୀତଦିନିଆ ସନ୍ଧ୍ୟାରେ ରୋମାଞ୍ଚ ଭରିଦେଲା। ଶ୍ରୀମତୀ ମିଶ୍ର ଏପରି ଜଣେ ଗାଳ୍ପିକା, ଯିଏ ନିଜ ଲେଖନୀର ମାୟାଜାଲରେ ପାଠକକୁ ବଶୀଭୂତ କରିପାରନ୍ତି। ସବୁଜ ଯୁଗର ବରେଣ୍ୟ କଥାକାର କାଳିନ୍ଦୀ ଚରଣ ପାଣିଗ୍ରାହୀ ଏବଂ ଆଧୁନିକ ଯୁଗର କଥାକାର ସଚ୍ଚି ରାଉତରାଙ୍କ କ୍ଷୁଦ୍ରଗଳ୍ପ ପଢ଼ିବାରେ ଆମର ଯଥେଷ୍ଟ ଆଗ୍ରହ ରହିଛି। ଦୟାକରି ଏହି ଦୁଇ ମହାନ୍ କଥାକାରଙ୍କ କ୍ଷୁଦ୍ରଗଳ୍ପ ପ୍ରକାଶ କରିବା ନିମନ୍ତେ ଆମର ଅନୁରୋଧ।

*- ଅରୁଣ କୁମାର ନାୟକ ଓ ମାନସ କୁମାର ଯେନା*
*ଏରେଇଁ, ଚରମ୍ପା, ଭଦ୍ରକ*

* 'ସାହିତ୍ୟାୟନ' ୨୮ ନଭେମ୍ବର ୨୦୧୮ ପାଇଲା ପରେ ପ୍ରଚ୍ଛଦକୁ ଅନାଇ ରହିଲି। ତିନୋଟି ଚିତ୍ରିତ ଲଫାପା- ପ୍ରଚ୍ଛଦରେ ପରିଶୋଭିତ। 'ପ୍ରଥମ ବହି' କ୍ରମରେ ପ୍ରଦୀପବାବୁଙ୍କ 'ମୌନ ଭଗ୍ନାଂଶ' ଭଲ ଲାଗିଲା। 'ରେଲାଫଟ୍'ର ଥିମ୍ ମନଛୁଆଁ- ''ପଣ୍ଡିତଜୀ ଗୀତା ପଢ଼େ, ମୌଲା ପଢ଼େ କୁରାନ୍, ଯୋ ଟୁଟେ ଦିଲକୋ ଜୋଡ଼ଦେ ଉସ୍‌କା ପନ୍ଥ ମହାନ୍।'' ସତରେ ଲେଖକ କଲମରେ କେତେ ଶକ୍ତି! ଭଲ ଲେଖକର ପାଣିପାଗ ଲେଖି ଗୋବିନ୍ଦବାବୁ ଧନ୍ୟ କରିଛନ୍ତି। ପ୍ରଥମେ ଭାବୁଥିଲି ଆମ ଓଡ଼ିଆ ଲୋକ ବୋଲି। ସେଦିନ 'ରାତିର ସହର' ଠିକ୍ ରାତି ୧୨ଟା ବେଳେ ପଢ଼ିବା ଆରମ୍ଭ କଲି। ଏତେ ରୋମାଞ୍ଚକର, ଦୁଃଖ, ଆବେଗ ଓ ଆଶଙ୍କାଭିଜା ଗଳ୍ପ କେବେ ପଢ଼ି ନ ଥିଲି। ସତରେ ସବୁ ଚକ୍‌ମକ୍ କରୁଥିବା ପଦାର୍ଥ ସୁନା ନୁହଁ। ଆଉ ପରିସ୍ଥିତି ପଙ୍କରେ ରହି ପ୍ରୀତିଅପା ସୁଲଗ୍ନାକୁ ପଦ୍ମ ପରି ପବିତ୍ର କରିପାରିଛି ମା'ବାପ ହୋଇ। ଡ. କୁଳାଙ୍ଗାରଙ୍କୁ ପଢ଼ିଲା ପରେ ମନେପଡ଼ିଲା 'ପ୍ରଭୁ ଦେଖାଦେ, ନ ହେଲେ ଟଙ୍କା ଦେ'। ଗ୍ରାମ ସଡ଼କ ଯୋଜନାରେ ଖାଲଖମାରେ ଅଟକି ବର୍ଷା ଆତ୍ମହତ୍ୟା କରିଥାଏ, ସେଥିଲାଗି ପୋଷ୍ଟମର୍ଟମ କରିଥିବା ମୃଣାଳବାବୁଙ୍କୁ ଧନ୍ୟବାଦ। କବିତା ବଜାର ଏଥର ସରଗରମ, ଶବ୍ଦ ସବୁ ସଠିକ୍ ଫେରୁଥିଲେ କବିତାକୁ, ଶୁଖିଯାଉଥିବା ନଈରୁ ଝରୁଥିଲା ଲୁହ, ନିରନ୍ତର (ଅନେକ ଦିନ ପରେ) ବୁନ୍ଦାବୁନ୍ଦା କ୍ଷୀର ଦେଇ ବଞ୍ଚେଇଥିବା ମାଆ, ରୋଗଶଯ୍ୟାରେ କେଇବୁନ୍ଦା ପାଣିରେ ଆରପାରିକୁ ଚାଲିଗଲା। (ପାଣି) ପ୍ରାଣର ସଳିତା ତୃଣପରି ଜଳେ, ଲୁହରେ ମୋ' ଭିଜିଭିଜି / ଦୀପ ଧୂପ ଅବା ପୂଜା ପାଇଁ ଫୁଲ ପାଇନି କେଉଁଠୁ ଖୋଜି (ଆସ ମାଆ) ପ୍ରବାସୀ କବିତା କଲମରୁ (ଏବେତ ପୃଥିବୀ ବରଫର ସଫେଦ ଚାଦର ତଳେ ଶୋଇଛି, ନିଘୋଡ଼ ନିଦରେ), ଚଷାପୁଅ ସ୍ୱପ୍ନରେ ସାତପ୍ରସ୍ତ ଚଦର ଘୋଡ଼ିହୋଇ ସ୍ୱପ୍ନ ଦେଖୁଛି। ମାଟ୍ରିକ୍‌ରୁ ମଞ୍ଜି ବୁଣି ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଅମଳ କରୁଥିବା 'ଗୋଡ଼ମୁଦି' ଗଳ୍ପ ସଂକଳନର ପ୍ରଣେତା ସୌମ୍ୟା ମହାପାତ୍ରଙ୍କୁ ପ୍ରଣିପାତ।

*- ସୁସ୍ମିତା ପୁରୋହିତ, ସଦେଇପାଲି, ବୁର୍ଲା, ସମ୍ବଲପୁର*

* ନଭେମ୍ବର ୨୮ ତାରିଖ 'ସାହିତ୍ୟାୟନ'ରେ ସ୍ଥାନିତ 'ଟଙ୍କା କାହିଁ ଟଙ୍କା' ପଢ଼ିଲି। ସତରେ 'ଅର୍ଥଂ ଅନର୍ଥସ୍ୟ କାରଣମ୍'। ସିନେମାରେ 'ବର୍ଷା' ସବୁଦିନ ପାଇଁ ରହିଯାଏ ମନେ, ଯେପରିକି 'ବରଷାତ୍ ମେଁ ହମ୍‌ସେ ମିଲେ ତୁମ୍, ଓ ସାଜନ ତୁମସେ ମିଲେ ହମ୍ ବରଷାତ୍ ମେଁ, ତାକ୍ ଧିନାଧିନ୍'। ସେହି ହିରୋ ସେହି ସଂଗୀତକାରଙ୍କ ଆଉ ଗୋଟେ ଗୀତର ମୁଖଡ଼ା, 'ପ୍ୟାର୍ ହୁଆ ଇକ୍‌ରାର୍ ହୁଆ ହୈ, ପ୍ୟାର୍ ସେ ଫିର୍ କ୍ୟୁଁ ଡର୍‌ତା ହୈ ଦିଲ୍, ଡର୍‌ତା ହୈ ଦିଲ୍ ରାସ୍ତା ମୁସ୍କିଲ୍, ମାଲୁମ୍ ନହିଁ କହାଁ ମଞ୍ଜିଲ୍। ଗାଁରେ ବର୍ଷା ପାଇଁ ପ୍ରଶାନ୍ତ ନନ୍ଦଙ୍କ 'ବଳିଦାନ' ତ ରହିଛି। 'ସୃଜନ-ଆଳାପ'ରୁ ଗୋବିନ୍ଦ ମିଶ୍ରଙ୍କ ଲେଖକୀୟ ଆଳାପଗୁଡ଼ିକ ଏକରୁ ଆରେକ ବଳି। 'ଜଣେ ସଫଳ ଲେଖକ ହେବାକୁ ହେଲେ କମ୍‌ଜୋରି ବା ଗଧାପଣ ବି ଜରୁରୀ।' ଠିକ୍ କଥା ସେ ଦୋହରାଇଛନ୍ତି। ମାଇକେଲ୍ ଲାବୋ କାହାଣୀର ଉଦ୍ଧୃତି 'ବାପା, ମୁଁ ତୁମକୁ କେତେଦିନ ଏହିପରି ଉଠାଉଥିବି।' ଝିଅର କମ୍‌ଜୋରି ମଦ୍ୟପ ପିତାକୁ ବଦଳାଇ ଦେଇପାରେ ଜାଣିହେଲା। ହିରଣ୍ମୟୀ ମିଶ୍ରଙ୍କ ବିଶେଷ ଗପ 'ରାତିର ସହର'ର ପ୍ରତିଟି ଅନୁଚ୍ଛେଦରେ ରହିଛି ଆଧୁନିକ ଶୈଳୀ, ଯାହାକି ଖୁବ୍ କମ୍ ଲେଖିକାଲେଖକଙ୍କ ଦ୍ୱାରା ସମ୍ଭବ। ନାରୀମାନଙ୍କ ନିମନ୍ତେ ସ୍ୱାଧୀନ ଭାବେ ରାତିରେ ବୁଲିବା, ଖାଇବା, ମଉଜ, ମଜଲିସ୍ କରିବା କ'ଣ ପାପ। ଗାଳ୍ପିକା ଦୁଇ ବାନ୍ଧବୀଙ୍କ ଦୃଷ୍ଟାନ୍ତ ରଖି ଜଣେ ସଫଳ କଥାକାର ଭାବେ ଲେଖନୀ ଚାଳନା କରିଛନ୍ତି। 'ପ୍ରଥମ ବହି' ସ୍ତମ୍ଭରୁ ପ୍ରଦୀପ ନାୟକଙ୍କ 'ମୌନ ଭଗ୍ନାଂଶ' ପରେ ସେ ଅନେକ ପୁସ୍ତକ ରଚନା କରିଯାଇଛନ୍ତି। ''ଲେଖିକା ଜୀବନର ମଞ୍ଜି ବୁଣିସାରିଥିଲି ମାଟ୍ରିକ୍ ସରୁସରୁ...'' 'ପହିଲି ପୁଲକ'ରୁ ସୌମ୍ୟା ମହାପାତ୍ରଙ୍କ 'ଗୋଡ଼ମୁଦି' ଟାଇମ୍‌ପାସ୍ ପ୍ରଥମ ପୁରସ୍କାର ସହ କାଦମ୍ବିନୀ ଗଳ୍ପ ଉନ୍ମେଷ ପୁରସ୍କାରପ୍ରାପ୍ତ ଜଣେ ଶ୍ରେଷ୍ଠ ଗାଳ୍ପିକାର ଦୃଷ୍ଟାନ୍ତ ନୁହେଁ କି? କବିତା ପୃଷ୍ଠାରୁ 'ପାଣି' ଟିପ୍‌ଟିପ୍ ବର୍ଷା କରେ ତ, କେଉଁଠି 'ଅନ୍ଦର୍ ଆଯାଓ ସର୍ଦ୍ଦି ବଢ଼ି ହୈ' ତ କେଉଁଠି ମା' ଛାତିରେ ଅମୃତ ପରଶୁଥିବ 'ମୈନେ ତେରେ ଦୁଧ୍ ପିଆ ହୈ' ବାର୍ତ୍ତା ନେଇ ପୁଣି 'ଆଁଶୁ ଭରା ହୈ ୟେ ଜୀବନ କୀ ରାହେଁ' ଦୁଖୀଜନର ସହଚର। ଗୀତି କବିତା 'ଆସ ମାଆ ଅବତରି' ଡେରିରେ ପ୍ରକାଶ ପାଇଲେ ବି ଆଲୋକ ପଥର ଯାତ୍ରୀ ହୋଇପାରିଛି, 'ଲାଖି ତା'ରେଁ ଆସ୍‌ମାନ୍ ପେ', ହେଉ ଅବା 'ଏକ ୱହି ଦିବାଲୀ' ହେଉ, ମା' ତ ସବୁଠି। 'ଏମିତାକା ସ୍ୱପ୍ନ' ସାଗର ବେଳା ବୁଲି ଫେରିଲା ପରେ ରାତ୍ରି ହୁଏ କି? 'ସ୍ୱପ୍ନରେ ସାତପ୍ରସ୍ତ'ରୁ ଚାଷୀ ବରଷାକୁ କିପରି ଆତୁର ଭାବେ ଡାକେ ଜାଣିହୁଏ। 'ଅନେକ ଦିନ ପରେ' ବହୁଦିନର କୋହକୁ ଚାପି ହଠାତ୍ ଜଳ, ବାୟୁ, ସୂର୍ଯ୍ୟାଲୋକରେ ବୀଜଟିଏ ହୋଇ 'କହିଁ ରାତ୍‌ଦିନ୍ ହମ୍ ଦୂର୍ ଥେ'ର ସଂକେତ ଦୋହରାଉଛି ମାତ୍ର।

*- ପ୍ରତାପ ଚନ୍ଦ୍ର ପାଢ଼ୀ, ଆଙ୍କୋଲି, ବ୍ରହ୍ମପୁର, ଗଞ୍ଜାମ*

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

**ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦**
email: dharitrisahityayana@gmail.com

**ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# କବିତା

## ସଂଘର୍ଷ

ମନୋରଞ୍ଜନ ଦାଶ

ସବୁ ସମୟେ
କେହି ନା କେହି
କୃତଘ୍ନପଣକୁ
ପରଷୁଥାଏ,
ମନରେ ଆଘାତ ଲାଗେ,
ଗଢ଼ିବାପଣ ଭାଙ୍ଗିଯାଏ ।।

ଭଙ୍ଗାଚାଳ ତଳେ ଜୀବନ
ସବୁକାଳ ହାରିଯିବାର
କପାଳ ଲିଖନ ।।

ତା' ଭିତରେ ଦିଶେ ଜହ୍ନ
ମନ ଦେଖେ ସ୍ୱପ୍ନ ।
ନିଟୋଳ ସମ୍ପର୍କର ବାଲିଘର
ଅମାନିଆ ପବନର ସୁ ସୁ ସ୍ୱର
ଜୀବନ ସଙ୍ଗୀତ ଗାଇବା ବେଳେ
ଭାସିଆସେ ଦୂରରୁ
ପାଉଁଜିର ରୁଣୁଝୁଣୁ ଶବ୍ଦ ।।

ଫଟା ଡଙ୍ଗାରେ ଏ ହାତରେ ପାଣି ବୋହି
ଆରହାତେ ଆହୁଲା ମାରେ, ମାରୁଥାଏ ।।

*– ପ୍ରଭାବତୀ ନିଳୟମ୍, ବେଲତଳ,*
*ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା*

### ଗୀତି କବିତା

## ଭାଙ୍ଗିଯାଇଥିବା କାଚ ଟୁକୁଡ଼ା ମୁଁ

ହଂସନାଥ ମୁଦୁଲି

ଭାଙ୍ଗିଯାଇଥିବା କାଚ ଟୁକୁଡ଼ା ମୁଁ
ଲୋଟି ପଡ଼ିଛି ମୋ' ଦେହ
ଛାଡ଼ି ମୁଁ ପାରୁନି ତୁମ ଛବିଟିକୁ
ଛାତିରେ ଧରିବା ମୋହ ।।

ଜୀବନ ତ ମୋର ଭଲ ପାଇବାର
ଚେନାଏ ଅଳୁହା ଆଶା
କେମିତି ତୁମଠୁ ଦୂରେଇ ରହିବି
ଭାବିଲେ ଛାଏ ନିରାଶା
ମରଣ ପଥରେ ପାଦ ପକାଇ ବି
ଛାଡୁନି ବିଗତ ସ୍ନେହ ।।

ଦିନ ଥିଲା ତୁମେ ଅତି ଆପଣାର
ହୋଇ ରହିଥିଲ ହୃଦେ
ହାରିଗଲି ବୋଲି ଦୂରେଇ ଯେ ଦେଲ
ଭାବିଲେ ବହୁତ ବାଧେ
ଆଖିଠାରୁ ହଟି ମନୁ ଗଲି ହଟି
ଲାଗେ ମୋତେ ଭାରି ଭୟ ।।

*– ଖଣ୍ଡଗିରି (ଝୁମୁଡୁମା-କ),*
*ଭୁବନେଶ୍ୱର*

## କିଛି ବାକି ଥାଉ

ମୂଳ ତେଲୁଗୁ: ଯାକୁବ୍
ଅନୁବାଦ: କେ. ଶ୍ୟାମବାବୁ ଦୋରା

କେବେ କେବେ
କୁଆଡ଼େ ଯାଇ ଘେରାଏ ବୁଲି ଆସିବା ପାଇଁ
ଜାଗା କି ଗାଁଟିଏ ରହୁ
ଅତିକମ୍‌ରେ ମଣିଷଟିଏ ତ ବଞ୍ଚିଥାଉ ।

ଶବ୍ଦ ସବୁ ବିସ୍ଫୋରିତ କି ତରଳିଯିବା ପରେ
ଅର୍ଥମାନେ ବାଟବଣା ହେଇ
କି ଭୟାତୁରତାରେ ଚମକି ପଡ଼ିବାବେଳେ
ତମାମ ଭାବ ଅଜ୍ଞାତ ପାଲଟିଯିବା ସମୟରେ
କଥାକୁ ନୂଆ ଢଙ୍ଗରେ ଶିଖିବା ପାଇଁ
ଅନ୍ତତଃ ସ୍ଥାନଟିଏ ସୁରକ୍ଷିତ ଥାଉ ।

ଇଚ୍ଛାମାନେ ଯେବେ ଲୁପ୍ତ ହେଇଯାଆନ୍ତି
ଦେହ ଯେବେ ସରିସରି କ୍ଷୀଣ ହେଇ ଆସେ
ବିଚାରଧାରା ଘଷରା ଓ ମନ ଶୂନ୍ୟତାରେ ଭରିଯାଏ
ରାସ୍ତା ଯାହା ଘନ ଅନ୍ଧକାରରେ ଛାଇଯାଏ
ସେତେବେଳେ ପୁଣି ଥରେ ଅଙ୍କୁରିତ ହେବା ପାଇଁ
ବିଶ୍ୱାସର ବୀଜଟିଏ ତ ବଞ୍ଚି ରହୁ ।

ଅତୀତ, ଭବିଷ୍ୟତ
ଓ ଆଲୁଳାୟିତ ବର୍ତ୍ତମାନରେ
ଲୁଙ୍ଗି, ବାନିଅନ୍ ପରି ପରିଧେୟକୁ ଧାରଣ କରିଥିବା
ଆକାରଟିଏ ମାତ୍ର ନ ହେଇ
ମାସିକିଆ ଜୀବନଟିଏ ପାଲଟି
ଉତୁରି ଆସୁଥିବା ଖର୍ଚ୍ଚର ରସିଦ୍‌ଠାରୁ
ଓ ନିର୍ଲଜ୍ଜ ହସ ଯାହା ବହନ କରିଥାଏ
ଅର୍ଥଶୂନ୍ୟ ଚେହେରା
ଏବଂ କଳା ଓ ହଳଦିଆ ପରି
ରଙ୍ଗିନ୍ ଗ୍ରନ୍ଥମାନଙ୍କ ଚକ୍ରବ୍ୟୂହରୁ ଖସି ଆସି
ପୁନଃ ପ୍ରବେଶ କରିବା ପାଇଁ
ନିରୋଳା ଜୀବନଟିଏ ଅବଶିଷ୍ଟ ଥାଉ ।

କିଛି ନ ହେଲା ନାହିଁ
ବସାରେ ପ୍ରବେଶ ପୂର୍ବକ ପକ୍ଷୀର
ଫଡ଼ ଫଡ଼ଉଥିବା ଡେଣା ପରି
ଜୀବନକୁ ଚତୁରତାର ସହ ଆପଣାଅ
ଓ ତୃଷାର୍ତ୍ତ ଓଠ ପାଖରେ ପହୁଞ୍ଚାଇ ଦିଅ
କ୍ଷୀଣ ଏକ ନଦୀର ସ୍ରୋତକୁ
ଉଠେଇ ଆଣି ଆଞ୍ଜୁଳାରେ,
ତଥାପି ବାକିଥିବା ତୃଷାରେ
ନିଜ ଦେହର ଥକାପଣକୁ ମେଣ୍ଟାଅ
ଏବଂ ମହୁଘରା ଉପରେ ଅନ୍ତିମଥର ପାଇଁ ବସିଥିବା
ମହୁମାଛିର ଗୁଞ୍ଜନ କି ତା' ବିଳାପକୁ ଶୁଣ ।

ଜୀବନ ଜାରି ରହୁ... ।

ନିଜ ଭିତରେ ସମାହିତ ହେଇ
ପୁଣି ନିଜଠାରୁ ନିଜକୁ ବଞ୍ଚେଇ ରଖିବା ପାଇଁ
କୋଉଠି ଏକ ଜାଗା ରହୁ
ଗାଁ କି ସହରଟିଏ
ଅତି କମ୍‌ରେ ମଣିଷଟିଏ ତ ବଞ୍ଚିଥାଉ ।

(ମୂଳ ତେଲୁଗୁ କବିତାର ଶୀର୍ଷକ 'ମିଗ୍ ଲୁଣ୍ଡାଲି')

*– ଲକ୍ଷ୍ମୀ ବ୍ୟାଙ୍ଗଲ୍‌ସ,*
*ଜନାନା ହସ୍ପିଟାଲ ରୋଡ୍, ବ୍ରହ୍ମପୁର*

## ମୋ' ଇଚ୍ଛା

କୃଷ୍ଣା ମିଶ୍ର

ଆଜି ମୁଁ ଠିଆ ହୋଇଛି
ଭସ୍ମ ହୋଇଥିବା ମୋ' ଇଚ୍ଛାର ପାଉଁଶ ଗଦାରେ
ଅଭିମାନର ଲହୁ ମୋ' ବୋହୁଛି ଲୁହରେ...

ସମ୍ପର୍କରେ ଆତ୍ମୀୟତା
ବଚନରେ ମଧୁରତା
କ୍ରୋଧରେ ଜଡ଼ତା
ବାଲ୍ୟାବସ୍ଥାର ଚପଳତା
ବ୍ୟାବହାରିକ ନମ୍ରତା
ହୃଦୟର ଗଭୀରତା
ଭଲ ପାଇବାର ନିବିଡ଼ତା
ମୋ' ଇଚ୍ଛା... ।।

ଭସ୍ମ ହୋଇଥିବା ମୋ' ଇଚ୍ଛାର
ପାଉଁଶ ଗଦାରୁ
ସେଇ ଇଚ୍ଛାଗୁଡ଼ିକୁ ସାଉଁଟିବାର ଇଚ୍ଛା
ପୁଣି ଥରେ... ।।

*– ଅଧ୍ୟାପିକା, ଓ.ପି. ଜିନ୍ଦଲ ସ୍କୁଲ,*
*ରାୟଗଡ଼, ଛତିଶଗଡ଼*

## ଚିଲିକାରେ ଶୀତ

ଅଶୋକ କୁମାର ହରିଚନ୍ଦନ

ମରାଳ ମାଳିନୀ ଚିଲିକା ବୁକୁରେ
ଶୀତ ହୋଇଯାଏ ରାଜହଂସୀ
କହିଦିଏ ଏଇ ଅପରୂପ ଶୋଭା
ଥରେ ହେଲେ ଦେଖିଯାଅ ଆସି ।

ନାଉରୀ ସାଥିରେ ମଝି ଚିଲିକାରେ
ଶୀତ ଖେଳୁଥାଏ ଲୁଚକାଳି
କେତେବେଳେ ଆସି ସକାଳ ସୂରୁଯ
କଅଁଳିଆ ଖରା ଦିଏ ବୋଳି ।

ଦୂର ରାଇଜରୁ ପକ୍ଷୀମାନେ ଆସି
ଗାଉଛନ୍ତି ଭାରି ମିଠା ଗୀତ
ଚିଲିକାରେ ସେଇ ଗୀତ ଶୁଣିବାକୁ
ଆସନ୍ତି ସଭିଏଁ ଆସେ ଶୀତ ।

*– ରୋଡ ନଂ-୮, ଜଗନ୍ନାଥ ନଗର,*
*ଭୁବନେଶ୍ୱର*



# 'ଲିପି'ର ମାନକୀକରଣ ନ ହେଲେ ଓଡ଼ିଆ ଭାଷା ପତିଆରା ହରାଇବ

## ସୃଜନ-ଆଳାପ

ଗଗନେନ୍ଦ୍ରନାଥ ଦାଶଙ୍କ ଜନ୍ମ ୨୫ ନଭେମ୍ବର ୧୯୪୦ରେ, ଯାଜପୁର ଜିଲା ବଡ଼ଚଣାର କଡ଼େଇ ଗାଁରେ। ୧୯୬୨ରୁ ଓଡ଼ିଆ ଅଧାପନାରେ ଯୋଗଦେଇଥିବା ଗଗନେନ୍ଦ୍ର ଉତ୍କଳ ବିଶ୍ୱବିଦ୍ୟାଳୟ ଓ ବିଶ୍ୱ-ଭାରତୀ(ଶାନ୍ତିନିକେତନ) ବାଟଦେଇ ୧୯୭୬ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ଭାଷାତତ୍ତ୍ୱରେ ପ୍ରାଧ୍ୟାପକ ନିଯୁକ୍ତ ହୁଅନ୍ତି। "Descriptive Morpholgy of Oriya" ଶୀର୍ଷକ ସନ୍ଦର୍ଭ ପାଇଁ ଏହି ବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଉପାଧିପ୍ରାପ୍ତ ଏଇ ଗବେଷକଙ୍କର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଅବଦାନ ପ୍ରତୁଳ। କୌଣସି ପ୍ରସଙ୍ଗକୁ ସମୀକ୍ଷା ପାଇଁ ଧରି ବସିବା ମାତ୍ରେ ତାଙ୍କ ଭିତରେ ସହସା ଫିଟିଯାଏ ସଂଭାବନା-ଉଜ୍ଜ୍ୱଳ ଅସଂଖ୍ୟ ନୂଆ ଆଖି। ପୂର୍ବସୂରୀ ବା ସମକାଳୀନ ଯିଏ ହୁଅନ୍ତୁ, ଯଦି ତାଙ୍କ ଆକଳନରେ ରହିଛି ଭ୍ରାନ୍ତି ଓ ଅପୂର୍ଣ୍ଣତା, ତେବେ ସେଠି ସେ ଆପୋସହୀନ ପ୍ରତିପକ୍ଷ। ଓଡ଼ିଆ ଭାଷା, ସାହିତ୍ୟ ଓ ଇତିହାସକୁ ଅବାଞ୍ଛିତ ଆବେଗରୁ ମୁକ୍ତ କରି ଏକ ବୈଜ୍ଞାନିକ ତଥା ନୃ-ସାମାଜିକ ଅଭିନବତ୍ୱ ଦେବାରେ ପ୍ରଫେସର ଦାଶଙ୍କ ସମାନ୍ତରାଳ ଓଡ଼ିଶାରେ ବିରଳ, ଏପରିକି ଜାତୀୟସ୍ତରରେ କ୍ୱଚିତ୍ ସୁଲଭ।

ତାଙ୍କର ପ୍ରମୁଖ ପ୍ରକାଶିତ ନିବନ୍ଧ ଗ୍ରନ୍ଥ ମଧ୍ୟରେ ରହିଛି: 'ଜନଶ୍ରୁତି କାଞ୍ଚିକାବେରୀ' (୧୯୭୯), 'ଓଡ଼ିଆ ଭାଷାଚର୍ଚ୍ଚାର ପରମ୍ପରା' (୧୯୮୩), 'ଖଦ୍ୟୋତର ଦ୍ୟୁତି' (୧୯୮୪), 'ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ' (୧୯୯୩), 'Hindu and Tribals' (୧୯୯୮), 'ସରସ୍ୱତୀ ଫକୀରମୋହନ: ସାହିତ୍ୟ ଓ ବ୍ୟକ୍ତିତ୍ୱ' (୨୦୦୬), 'ଅଜଣା ପଥ ଯେ ଡାକେ' (୨୦୧୬) 'Orissa Bibliography' (ହର୍‌ମାନ୍ କୁଲ୍‌କେ, ମନ୍ମଥ ନାଥ ଦାସ ଓ କରୁଣା ସାଗର ବେହେରାଙ୍କ ସହ ମିଳିତ ଭାବେ: ୧୯୮୧) ଏବଂ 'Imaging Odisha' (ଦୀନନାଥ ପାଠୀ ଆଦିଙ୍କ ସହ ମିଳିତ ଭାବେ ପ୍ରସ୍ତୁତ : ୨୦୧୩)। ଓଡ଼ିଆ ଭାଷା- ସାହିତ୍ୟକୁ ବିରଳ ଅବଦାନ ପାଇଁ ଡ. ଦାଶଙ୍କୁ ମିଳିଛି ଉତ୍କଳ ସାହିତ୍ୟ ସମାଜ ପ୍ରଦତ୍ତ 'ଗୋପୀନାଥ ନନ୍ଦ ପୁରସ୍କାର' (୨୦୦୫), ପ୍ରଜାତନ୍ତ୍ର 'ବିଷୁବ ପୁରସ୍କାର' ଓ 'ଓଡ଼ିଶା ସାହିତ୍ୟ ଏକାଡେମୀ'ର ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' (୨୦୧୧)। କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ୨୦୧୮ର ମର୍ଯ୍ୟାଦାଜନକ 'ଭାଷା ସମ୍ମାନ' (ପୂର୍ବ ଭାରତର ୮ଟି ରାଜ୍ୟର ଭାଷାବିତ୍‌ଙ୍କ ମଧ୍ୟରୁ ପ୍ରତିବର୍ଷ ମାତ୍ର ଜଣଙ୍କୁ ଏଥିପାଇଁ ବଛାଯାଏ)ରେ ସମ୍ମାନିତ ଓଡ଼ିଆ ଭାଷା ଓ ସମୀକ୍ଷା-ସାହିତ୍ୟର କୀର୍ତ୍ତିସ୍ତମ୍ଭ ଗଗନେନ୍ଦ୍ରଙ୍କ ସହିତ 'ସାହିତ୍ୟାୟନ'ର ଏହି ସୃଜନ-ଆଳାପ...

• ପ୍ର. ଗଗନେନ୍ଦ୍ରନାଥ ଦାଶ



**ପ୍ର: ଆପଣ ଜଣେ ପ୍ରବୀଣ ଭାଷାତତ୍ତ୍ୱବିତ୍ ଓ ପରିପକ୍ୱ ସାହିତ୍ୟ-ସମୀକ୍ଷକ। ଏ ଦୁଇଟି ମଧ୍ୟରୁ ଆପଣ କେଉଁଟିକୁ ପ୍ରାଧାନ୍ୟ ଦିଅନ୍ତି?**

**ଉ:** ଇତିହାସ, ସାହିତ୍ୟ ଓ ଭାଷା– ଏଇ ତିନୋଟି ବିଷୟରେ ମୁଁ କାମ କରିଛି। ଏ ପ୍ରସଙ୍ଗରେ କହିବାବେଳେ ମୁଁ କହିଛି– ମୋର ଜଣେ ପ୍ରେମାସ୍ପଦା ଥିଲେ। ମୁଁ କିନ୍ତୁ ତାଙ୍କୁ ବିବାହ କରି ପାରିଲି ନାହିଁ। ସେଇ ପ୍ରେମାସ୍ପଦା ହେଲେ 'ଇତିହାସ', ପତ୍ନୀ 'ସାହିତ୍ୟ ସମାଲୋଚନା' ଓ ଶାଳିକା 'ଭାଷା'। 'ଇତିହାସ' ଓ 'ସାହିତ୍ୟ ସମାଲୋଚନା' ପରସ୍ପରକୁ ବୁଝନ୍ତି– ଏହା ମୋ' ପାଇଁ ସୌଭାଗ୍ୟ।

**ପ୍ର: 'ଜନଶ୍ରୁତି' ବିଶ୍ଳେଷଣ କ୍ଷେତ୍ରକୁ ଆପଣଙ୍କ ଅବଦାନ ଅତ୍ୟନ୍ତ ଅଭିନବ। ଏ ସମ୍ପର୍କରେ କ'ଣ କହିବେ?**

**ଉ:** 'ଜନଶ୍ରୁତି' ବିଶ୍ଳେଷଣରେ ମୁଁ ନୂତନ ପଦ୍ଧତିର ପ୍ରୟୋଗ କରିଛି। ପୂର୍ବରୁ ଯେଉଁ ପଦ୍ଧତି ଥିଲା, ତାହା ଜନଶ୍ରୁତି ସହ ଇତିହାସର ମେଳକ ମାତ୍ର। ଇତିହାସ ବିବେଚନା ବେଳେ ଜନଶ୍ରୁତିରେ ଥିବା ଅଲୌକିକତାକୁ ଗ୍ରହଣ କରାଯାଉ ନ ଥିଲା। ଏ ପଦ୍ଧତି ଭଲ। କିନ୍ତୁ ଜନଶ୍ରୁତି ବିଶ୍ଳେଷଣର ଆହୁରି ଗଭୀର ସ୍ତର ରହିଛି। ପ୍ରତ୍ୟେକ 'ଜନଶ୍ରୁତି' ପଛରେ ଏକ ଉଦ୍ଦେଶ୍ୟ ନିହିତ ଥାଏ। ସେଇ ଉଦ୍ଦେଶ୍ୟଟିକୁ ଠାବ କରିବାକୁ ହେବ। କପିଳେନ୍ଦ୍ର ଦେବଙ୍କ ସମ୍ପର୍କୀୟ ଜନଶ୍ରୁତିଟିକୁ ଦେଖନ୍ତୁ– ତାହା ଏହିପରି : ସେ ଜଣେ ଅରକ୍ଷ ଲୋକ ଥିଲେ, ଦେଉଳ ସାମ୍ନାରେ ଅଇଁଠା ଖୁଣ୍ଟି ଖାଉଥିଲେ ଇତ୍ୟାଦି। ପରାକ୍ରମଶାଳୀ ଗଙ୍ଗବଂଶ ପରେ କପିଳେନ୍ଦ୍ର ଦେବ ସିଂହାସନ ଆରୋହଣ କରିଥିଲେ ବିଦ୍ରୋହ କରି। ଗଙ୍ଗ ଅନୁଗତ ପ୍ରଜାମାନେ କାଳେ ତାଙ୍କୁ ଗ୍ରହଣ ନ କରିବେ, ସେଇ ଆଶଙ୍କାରେ ଶ୍ରୀମନ୍ଦିର ପୂଜକମାନଙ୍କ ଜରିଆରେ ପ୍ରଚାର କରି ଦିଆଗଲା ଯେ, କପିଳେନ୍ଦ୍ର ଦେବ ଗାଦିରେ ବସିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଇଚ୍ଛା। ଏହି ଜନଶ୍ରୁତି କ୍ରମେ କିମ୍ବଦନ୍ତୀ ହୋଇଗଲା, ଯାହାର ଉଦ୍ଦେଶ୍ୟ କପିଳେନ୍ଦ୍ର ଦେବଙ୍କୁ ନିଷ୍କଣ୍ଟକ ଭାବେ ପ୍ରଜାକୁଳଙ୍କ ପାଖେ ଗ୍ରହଣୀୟ କରାଇବା।

**ପ୍ର: ଓଡ଼ିଆ ଭାଷାର ବର୍ଣ୍ଣନାତ୍ମକ ରୂପ ବିଜ୍ଞାନ (Descriptive Morphology) ଆପଣଙ୍କ ଗବେଷଣାର ବିଷୟ ଥିଲା। ଏହାର ସ୍ୱରୂପଟି ମୋଟାମୋଟି କ'ଣ ଥିଲା?**

**ଉ:** ମୋର ଅଧ୍ୟୟନ ବାକ୍ୟର 'ରୂପ'କୁ କେନ୍ଦ୍ରକରି, 'ଅର୍ଥ'କୁ କେନ୍ଦ୍ରକରି ନୁହେଁ (ଆଗରୁ ଯେପରି ଥିଲା)। ଓଡ଼ିଆରେ ୩ଟି 'କାଳ' କଥା କୁହାଯାଏ– ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ। ମୁଁ କହିଲି– ତିନି ନୁହେଁ, ଓଡ଼ିଆରେ ୪ଟି କାଳ। ଏହି ୪ର୍ଥ କାଳଟି ହେଉଛି ସମ୍ଭାବନା କାଳ (conditional)। ଯଥା: 'ଏଠାରେ ଭାତ ମିଳୁଥିଲେ, ମୁଁ ଖାଆନ୍ତି।' 'ଖାଆନ୍ତି' ବର୍ତ୍ତମାନ କାଳର କ୍ରିୟା। କିନ୍ତୁ ଏଠି ଏହା 'ଭବିଷ୍ୟତ କାଳ'ର ସୂଚନା ଦେଉଛି। ଅନ୍ୟ ୨ଟି ଉଦାହରଣ: ୧. ମୁଁ ଆସନ୍ତା ଜାନୁଆରୀରେ କଟକ ଯାଉଛି ('ଯିବି' ଅର୍ଥରେ), ୨. 'ଏଇ ମୁଁ ଗଲି ଓ ଆସିଲି' (ଏଠାରେ ଅତୀତକାଳ ବ୍ୟବହୃତ, କିନ୍ତୁ ଏହା ଭବିଷ୍ୟତର ସୂଚକ)। ପାଣିନିଙ୍କ ବ୍ୟାକରଣରେ 'କାଳ' ବ୍ୟବହୃତ ନୁହେଁ। ପାଣିନି ରୂପଭିତ୍ତିକ ବ୍ୟାକରଣ ଲେଖିଥିଲେ। ତେଣୁ ତାଙ୍କ ବ୍ୟାକରଣକୁ କୁହାଯାଏ– 'ଅକାଳକ'। 'କାରକ' ଆଗରୁ ଥିଲା ୬ଟା। ମୁଁ କହିଲି– ୨ଟା (Nominative & Oblique)। 'ମୁଁ–ମୋତେ', 'ତୁ–ତୋତେ' ଓ 'ସେ–ତାକୁ' କୁହାଯାଏ। 'ସେକୁ' ବୋଲି କୁହାଯାଏନି, ଯଦିଓ ସାରଳାଙ୍କ ମହାଭାରତରେ 'ତୁକୁ' (ତୋତେ)ର ପ୍ରୟୋଗ ହୋଇଛି।

**ପ୍ର: ଏଥିପ୍ରତି ଆକୃଷ୍ଟ ହେଲେ କିପରି?**

**ଉ:** 'Descriptive Morphology' ଉପରେ ଗବେଷଣା କରିବାକୁ ମନ ବଳାଇଲି ପାଶ୍ଚାତ୍ୟ Structural ପଦ୍ଧତିର ଆକର୍ଷଣରେ। Leonard Blumfield ଙ୍କ ଗବେଷଣା ପଦ୍ଧତିକୁ ମୁଁ ମୁଖ୍ୟତଃ ଅନୁସରଣ କରିଛି।

**ପ୍ର: ଓଡ଼ିଆ 'କ୍ରିୟା'ରେ ଆପଣ କି ବିଶେଷତ୍ୱ ଦେଖିଛନ୍ତି?**

**ଉ:** ଓଡ଼ିଆରେ ଦୁଇଟି 'କ୍ରିୟା' ରହିଛି – Regular ଓ Irregular. Regularର ଉଦାହରଣ ହେଲା– '*ମୁଁ ଖାଏ, ମୁଁ ଖାଆନ୍ତି, ମୁଁ ଖାଇବି*'– ଏଠାରେ 'କାଳ'ର ପରିବର୍ତ୍ତନ ସତ୍ତ୍ୱେ ମୂଳ ଧାତୁ 'ଖା'ର ପରିବର୍ତ୍ତନ ହେଉନାହିଁ। କିନ୍ତୁ Irregularରେ 'ଧାତୁ'ର ପରିବର୍ତ୍ତନ ଘଟୁଛି। ଯଥା: '*ମୁଁ ଯାଏ, ମୁଁ ଗଲି ମୁଁ ଯିବି*।' ଇଂଲିଶ୍‌ରେ ଏପରି ଉଦାହରଣ ପ୍ରଚୁର। ଯଥା: 'go' ଅତୀତ କାଳରେ 'goed' ନ ହୋଇ went ହୋଇଯାଉଛି– go, went, gone.

**ପ୍ର: ଓଡ଼ିଆ 'ଲିଙ୍ଗ' ସମ୍ପର୍କରେ ଆପଣଙ୍କ ଅନୁଧ୍ୟାନଟି କ'ଣ?**

**ଉ:** ବ୍ୟାକରଣିକ ଲିଙ୍ଗ ୨ଟି– 'ନିର୍ଜୀବ' ଓ 'ସଜୀବ'। ଯଥା: 'ଗୋଟିଏ ପିମ୍ପୁଡ଼ି *ଯାଉଛି*, ବହୁତ ଗୁଡ଼ିଏ ପିମ୍ପୁଡ଼ି *ଯାଉଛନ୍ତି*' (ସଜୀବ କ୍ଷେତ୍ରରେ), ନିର୍ଜୀବ କ୍ଷେତ୍ରରେ ଆମେ କହୁ– 'ଗୋଟିଏ ଇଟା ପଡ଼ିଛି, ବହୁତ ଗୁଡ଼ିଏ ଇଟା ପଡ଼ିଛି ('ପଡ଼ିଛନ୍ତି' ନୁହେଁ)'। ବଂଗଳାରେ ବ୍ୟାକରଣିକ ଲିଙ୍ଗଭେଦ ନାହିଁ।

**ପ୍ର: ସମାଜ-ନୃତାତ୍ତ୍ୱିକ ସମୀକ୍ଷା ପଦ୍ଧତିର ଆପଣ ଜଣେ କୃତବିଦ୍ୟ ଗବେଷକ। ଏହି ପଦ୍ଧତିକୁ ଆପଣେଇଲେ କେଉଁ ସ୍ଥିତିରେ?**

**ଉ:** ୧୯୬୦-୬୧ ଓ ୧୯୭୪-୭୫ରେ 'Harvard-Bhubaneswar-Projet' ଚାଲିଥାଏ। ଏଥିରେ ଜଡ଼ିତ ଥା'ନ୍ତି ହାର୍ଭାର୍ଡର ନୃତତ୍ତ୍ୱ ପ୍ରଫେସର Cora DuBois. କୋରାଙ୍କୁ ମୁଁ ଓଡ଼ିଆ ପଢ଼ାଉଥିଲି। ଭାଷା ପ୍ରତି ମୋର ଅନୁରକ୍ତି ଦେଖି ସେ ମୋତେ ଭାରତର କେଇଜଣ ବିଶିଷ୍ଟ ନୃତତ୍ତ୍ୱ ଓ ସାମଜତତ୍ତ୍ୱବିତ୍‌ଙ୍କ ସଂଗେ ପରିଚିତ କରାଇ ଦେଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ପୁନାର ଇରାବତୀ କାର୍ଭେ ଓ କଲିକତାର ନିର୍ମଳ କୁମାର ବସୁ (ନୂଆଖାଲି ଗସ୍ତବେଳେ ଗାନ୍ଧୀଙ୍କର ବ୍ୟକ୍ତିଗତ ସଚିବ)। ପରେ ଜାଣିଲି ନିର୍ମଳଙ୍କ ଘର ଓଡ଼ିଶାର ବାରିପଦାରେ। ୧୯୭୦-୭୫ ଓ ୧୯୯୯-୨୦୦୬ 'ଜର୍ମାନ ପ୍ରକଳ୍ପ' ଚାଲିଥିବାବେଳେ ମୁଁ ଏଥିରେ କ୍ଷେତ୍ର-ନିର୍ଦ୍ଦେଶକ ଭାବେ କାମ କରୁଥିଲି। ଏତିକିବେଳେ 'ଜଗନ୍ନାଥ ସଂସ୍କୃତି' ଉପରେ କାମ ହେଲା, ଜନଶ୍ରୁତି ଆଧାରରେ। 'Jagannath and Odia Nationalism' ଏହାର ଫଳଶ୍ରୁତି। ଜଗନ୍ନାଥ ମନ୍ଦିରରେ ସେବକ ଓ ପୂଜକଙ୍କ ଭୂମିକାକୁ ନେଇ ଗବେଷଣା ବି ଏହି ପ୍ରକଳ୍ପର ପରିଣାମ। 'German Research Council'ର ଅର୍ଥ ଅନୁଦାନରେ 'ଜର୍ମାନ ପ୍ରକଳ୍ପ' କାର୍ଯ୍ୟକାରୀ ହେଉଥିଲା।

**ପ୍ର: 'Odia Identity' ପ୍ରସଙ୍ଗରେ ଶୁଭକାନ୍ତ ବେହେରାଙ୍କୁ ନେଇ ଆପଣଙ୍କ ବିତର୍କର ହେତୁଟି କ'ଣ ଥିଲା?**

**ଉ:** ଶୁଭକାନ୍ତ ତାଙ୍କ Oxford ଗବେଷଣାରେ ବହୁ ଭ୍ରାନ୍ତିପୂର୍ଣ୍ଣ ତଥ୍ୟର ଅବତାରଣା କରିଥିଲେ। 'ନୀଳାଦ୍ରି ମହୋଦୟ'କୁ ସେ ବହୁ ପ୍ରାଚୀନ ବୋଲି କହିଛନ୍ତି, କିନ୍ତୁ ପ୍ରକୃତରେ ଏହା ୧୭ଶ / ୧୮ଶ ଶତାବ୍ଦୀର ରଚନା। ମୋ' ବହିର ବହୁ ତଥ୍ୟ ସେ ବ୍ୟବହାର କରିଥିଲେ ବି ସୌଜନ୍ୟ ଦୃଷ୍ଟିରୁ ସ୍ୱୀକାରୋକ୍ତି ଦେଇ ନାହାନ୍ତି। ବକ୍ସି ଜଗବନ୍ଧୁ ନୟାଗଡ଼ ରାଜାଙ୍କ ମଧ୍ୟସ୍ଥତାରେ ବ୍ରିଟିଶ୍ ନିକଟରେ ଆତ୍ମସମର୍ପଣ କରିଥିଲେ। ଏହା ଅତି ଜଣାଶୁଣା କଥା। କିନ୍ତୁ ବ୍ରିଟିଶ୍ ସହିତ ଲଢ଼ି ସେ ଆତ୍ମୋତ୍ସର୍ଗ କରିଥିଲେ ବୋଲି ଶୁଭାକାନ୍ତ ଲେଖିଛନ୍ତି। ଏହା କିପରି କଥା ?

**ପ୍ର: ଆପଣଙ୍କ ପରବର୍ତ୍ତୀ ପୀଢ଼ି ଭାଷାକୁ ନେଇ କରୁଥିବା ଗବେଷଣା/ ଆଲୋଚନାରେ ଆପଣ ସନ୍ତୁଷ୍ଟ କି?**

**ଉ:** ମୁଷ୍ଟିମେୟ ଲୋକ ଭାଷା ବିଷୟରେ କାମ କରୁଛନ୍ତି। ଭାଷା ଗବେଷଣାରେ କିଛି ଅଗ୍ରଗତି ହୋଇଛି ନିଶ୍ଚୟ। କିନ୍ତୁ ତାହା ସନ୍ତୋଷଜନକ ନୁହେଁ। ଶସ୍ତା ନାଁ କମାଇବା ଗବେଷଣାର ଲକ୍ଷ୍ୟ ରହିଲେ ତାହା ଖଇଚା ହେବ। କେହି କେହି ଓଡ଼ିଆ ଭାଷାର ମୂଳ ଦ୍ରାବିଡ଼ ବୋଲି କହୁଛନ୍ତି, କିନ୍ତୁ ଏହା ସତ୍ୟ ନୁହେଁ। ଓଡ଼ିଆ ଭାଷା ଆର୍ଯ୍ୟ ପରିବାରର।




**ପ୍ର: ଭାଷାର ମରିବା ବଞ୍ଚିବା ସାହିତ୍ୟ ସୃଷ୍ଟି ଉପରେ ନିର୍ଭର କରେ କି ?**

**ଉ:** ନା, ଭାଷା ବଞ୍ଚିଲେ ସାହିତ୍ୟ ବଞ୍ଚିବ। ସଂସ୍କୃତରେ ଉନ୍ନତ ସାହିତ୍ୟ ଥିବା ସତ୍ତ୍ୱେ ସେ ଭାଷା ମରିଗଲା। ଭାଷା ବଞ୍ଚିରହିବାକୁ ହେଲେ ତା'ର ବ୍ୟବହାର ଆବଶ୍ୟକ।

**ପ୍ର: ଇଂଲିଶ୍ ମିଡିୟମ୍ ସ୍କୁଲ୍‌ରେ ଓଡ଼ିଆ ଭାଷା ଶିଖା ଠିକ୍‌ଭାବେ ହେଉନାହିଁ। ଏଠାରେ ଭୁଲ୍ ପଦ୍ଧତିରେ ଲିପି ଶିଖାଯାଉଛି। ଏ ସମ୍ପର୍କରେ ଆପଣଙ୍କ ପ୍ରତିକ୍ରିୟା କ'ଣ?**

**ଉ:** ଆଗେ 'ଶୁଣିବା', ତା'ପରେ 'ଲେଖିବା' ଓ 'ପଢ଼ିବା'। ଏବେ ଆଗ 'ଅକ୍ଷର ଶିଖା ଯାଉଛି। ତା'ପରେ ପିଲା ପଢୁଛି। ଏ ପଦ୍ଧତି ଭୁଲ। 'ଲପି' ଶିଖାଇବା ବେଳେ ପିଲାଟିକୁ ଯଦି ଓଲଟା ଆଡୁ 'ଲିପି' ଶିଖାଯାଏ, ତେବେ ତାହା ପିଲାଟିକୁ 'ଲିପି' ପ୍ରତି ଅମନୋଯୋଗୀ ଓ ବୀତଶ୍ରଦ୍ଧ କରାଇବ। ଶିଖୁଥିବା ଭାଷା ତାକୁ କଷ୍ଟକର ବୋଧ ହେବ। ତେଣୁ ତାକୁ ସହଜ ମନେ ହେଉଥିବା ଇଂଲିଶ୍ 'ଲିପି' ପ୍ରତି ସେ ସ୍ୱତଃ ଆକୃଷ୍ଟ ହେବ। ଇଂଲିଶ୍ ମିଡିୟମ୍ ସ୍କୁଲ୍‌ରେ ଓଡ଼ିଆ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଭାଷାଶିକ୍ଷା ବିଷୟରେ ଉପଯୁକ୍ତ ତାଲିମ୍ ଦିଆଯିବା ଆବଶ୍ୟକ ଓ କାମଟି ସରକାର ହାତକୁ ନେବା ଉଚିତ।










**ପ୍ର: 'ଭାଷା'ର ନିର୍ଣ୍ଣାୟକ କିଏ? 'ବ୍ୟାକରଣ' ନା 'ଅସ୍ମିତା'?**

**ଉ:** 'ଅସ୍ମିତା'। କଲକାତା ଓ ଢାକାର କଥିତ ବଙ୍ଗଳା ଭିତରେ ବହୁ ପାର୍ଥକ୍ୟ ରହିଛି। କିନ୍ତୁ ତାହା ସେଇ ଗୋଟିଏ ବଙ୍ଗଳା ଭାଷା। ହଲାଣ୍ଡର 'ଡଚ୍' ଭାଷା ଓ 'ଜର୍ମାନ୍' ଭାଷା ମଧ୍ୟରେ ବହୁ ସାମ୍ୟ ସତ୍ତ୍ୱେ ଏ ଦୁଇଟି କିନ୍ତୁ ଅଲଗା ଭାଷା। ମଧ୍ୟବିତ୍ତ, ଶିକ୍ଷିତ ଲୋକେ ବ୍ୟାକରଣକୁ ଭିତ୍ତି ଭାବେ ଦର୍ଶାଇ ମୂଳତଃ ଗୋଟିଏ ହୋଇଥିବା ଭାଷାକୁ ଅଲଗା କରି ଦେଖାନ୍ତି। ଏହା ଉଦ୍ଦେଶ୍ୟ ପ୍ରଣୋଦିତ। ସାଧାରଣ ଲୋକଙ୍କର ଏଥିରେ କିଛି ଯା'ଆସ ନ ଥାଏ।

**ପ୍ର: ଓଡ଼ିଆ ଭାଷାର ମାନକୀକରଣ ଦୂରର କଥା, ଓଡ଼ିଆ ଲିପିର ମାନକୀକରଣ ଏ ଯାଏଁ ହୋଇପାରି ନାହିଁ। 'ଚ' ଓ 'ଡ' ତଳେ 'ବିନ୍ଦୁ' ବ୍ୟବହାର ଓ ଅନ୍ୟ ଅନେକ କ୍ଷେତ୍ରରେ କମ୍ପ୍ୟୁଟରର ପ୍ରଚଳିତ ସଫ୍‌ଟୱେର ଉଦାସୀନ ଥିବା ମନେହୁଏ। ଏପରି ସ୍ଥଳେ 'ଓଡ଼ିଆ' ଅଧିକରୁ ଅଧିକ Computer Friendly ହୋଇପାରିବ କି?**

**ଉ:** ଓଡ଼ିଆ ଲିପିର ମାନକୀକରଣ ହେବା ଜରୁରୀ। ବିଭିନ୍ନ ଲୋକ ବିଭିନ୍ନ ଭାବେ 'ଲିପି' ଓ 'ମାତ୍ରା'ର ବ୍ୟବହାର କଲେ ଏଥିପ୍ରତି ନୂଆପିଢ଼ିର ଆଗ୍ରହ କମିଯିବ।

**ପ୍ର: ଆପଣ ଗବେଷଣା ଓ ଭ୍ରମଣ ଉଦ୍ଦେଶ୍ୟରେ ବହୁବାର ଲଣ୍ଡନ ଓ ଜର୍ମାନ୍ ଯାଇଛନ୍ତି। କୌଣସି କୌତୂହଳୋଦ୍ଦୀପକ ସ୍ମୃତି ମନେ ଅଛି?**

**ଉ:** ମୁଁ ଯେତେବେଳେ ନୂଆକରି ଲଣ୍ଡନ ଗଲି, ୧୫ ଦିନ ପାଇଁ ରହିବା ନିମିତ୍ତ ଜାଗାଟିଏ ଖୋଜିଲି। ୧୯୭୧ର କଥା। ଘରଟିଏ ମିଳିଲା। ଘର ମାଲିକାଣୀ ଜଣେ ବିଧବା। ଘର ଛାଡ଼ିବା ଦିନ ତାଙ୍କୁ ସାକ୍ଷାତ୍ କରିବାକୁ ଗଲାବେଳେ ପଚାରିଲେ– 'ଆର୍ ୟୁ ଗୋଇଙ୍ଗ୍ ଟୁ-ଡାଏ ?' ମୁଁ ହତବାକ୍ ହୋଇଗଲି। ବୁଝିପାରିଲି ନାହିଁ ଆଜି ମୁଁ ମରିବି କାହିଁକି ? ଦୁଇତିନି ଥର ଭଦ୍ର ମହିଳା ତାଙ୍କ ବାକ୍ୟଟିକୁ ଉଚାରଣ କରିବା ପରେ ମୁଁ ଜାଣିଲି ଯେ ସେ ମୋତେ ପଚାରୁଛନ୍ତି 'Are you going today ?' ସ୍ଥାନୀୟତା ଭେଦରେ ଉଚାରଣରେ କି ପାର୍ଥକ୍ୟ ଦେଖନ୍ତୁ! ମୋର ଯେତେବେଳେ ଏ କଥାଟି ମନେପଡ଼େ, ଭାରି ହସମାଡ଼େ।

– ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ

---

## ବ୍ୟଙ୍ଗ ଗଳ୍ପ

# ଚାରି ଖୁରାକୁ ଜୁହାର

•ରାଧାଶ୍ୟାମ ରାଉଳ

ମୁଁ ମୋ' ଚାକିରି ଜୀବନରେ ଜଗତ୍‌ସିଂହପୁରରେ ପାଖାପାଖି ଦୁଇବର୍ଷ ବିତେଇଥିଲି। ଏଇ ଦୁଇବର୍ଷ ଭିତରେ ବେଶ୍ କିଛି ଖଟା-ମିଠା, କଟୁ-କଷା, ତିକ୍ତ-ସିକ୍ତ ଅନୁଭୂତିକୁ ମୁଁ ସଂଗ୍ରହ କରିଥିଲି। ତେବେ ସେହିସବୁ ଅନୁଭୂତି ମଧ୍ୟରୁ ନେତୃସ୍ଥାନୀୟ ଅନୁଭୂତିଟି ଥିଲା ଏଇପରି :

କିଛିଦିନ ଖୋଜାଖୋଜି କରିବା ପରେ ମୋତେ ଭଡ଼ାଘରଟେ ମିଳିଗଲା ଆମ ଅଫିସ୍ ପାଖରୁ ଦୁଇ କିଲୋମିଟର ଦୂରରେ। ଘର ମାଲିକ ଥିଲେ ମୋ' ପରି ଜଣେ ଚାକିରିଆ। ସ୍ୱଭାବରେ ସେ ଥିଲେ ଅତ୍ୟନ୍ତ ମେଳାପି ଓ ଖୁସି ମିଜାଜର। ସିଗ୍ରେଟ୍ ପିଇବା ଥିଲା ତାଙ୍କର ବଡ଼ ସଉକ। ସରାଗରେ ତାଙ୍କ ହାତକୁ ସିଗ୍ରେଟ୍ ଖଣ୍ଡିଏ ବଢ଼େଇ ଦେଲେ ସେ ଅନେକ ବେଳଯାଏଁ ଗପି ଯାଉଥିଲେ ବିନା ଦ୍ୱିଧାରେ ବିନା ଛନ୍ଦକପଟରେ। ତାଙ୍କ ପତ୍ନୀ ଆମ ପାଇଁ ଜଣେ ସ୍ନେହମୟୀ ଓ ସୁଲକ୍ଷଣା ନାରୀ ଭୂମିକାରେ ଅବତୀର୍ଣ୍ଣ ହେଲେ। କାରଣ ସେ ମହାଶୟା ପ୍ରଥମରୁ ମୋ' ପତ୍ନୀଙ୍କୁ ତାଙ୍କର ସାନଭଉଣୀ ହିସାବରେ ଦେଖିଲେ ଓ ନିଃସର୍ତ୍ତ ସ୍ନେହ ପ୍ରଦାନ କରିବା ଆରମ୍ଭ କଲେ। ମୋ' ପୁଅ ଝିଅକୁ ତାଙ୍କ ହୃଦୟର ସ୍ପନ୍ଦନ କହି ଦିନରାତି ଗେଲ କଲେ। ଆଉ ମୋ' ପାଇଁ ସେ ଥିଲେ ମିଷ୍ଟଭାଷିନୀ, ଆଦରଣୀୟା ଘରମାଲିକାଣୀ।

ନିଇତି ସୁଆଦିଆ ତିଅଣ ରାନ୍ଧି ସେ ଆମକୁ ପରଷୁଥାଆନ୍ତି। ଘର ମାଲିକାଣୀଙ୍କର ଏତାଦୃଶ ଅନାବିଳ ଆନ୍ତରିକତା ଓ ନିରୁତା ସୌଜନ୍ୟରେ ଶତପ୍ରତିଶତ ମୁଗ୍ଧ ହୋଇ ତାଙ୍କ ଘରେ ଆମେ ସୁଖୀ ଭଡ଼ାଟିଆ ଜୀବନ ବିତେଇ ଚାଲିଥିଲୁ।

ଦିନକର ଘଟଣା। ମୋ' ପତ୍ନୀ ଏବଂ ଘର ମାଲିକାଣୀ ସନ୍ଧ୍ୟା ସମୟରେ ଅଗଣାରେ ବସି ଗପସପ ହେଉଥିଲେ। ଘର ମାଲିକାଣୀ ନିଜର ତଥା ନିଜ ପରିବାରର ପତିଆରା, କ୍ଷମତା, ସାମାଜିକ ପ୍ରତିଷ୍ଠା ଇତ୍ୟାଦି ସମ୍ପର୍କରେ ବଖାଣି ବସିବାରୁ ମୋ' ପତ୍ନୀଙ୍କୁ ସେସବୁ ଭଲ ଲାଗିଲା ନାହିଁ। ଅଗତ୍ୟା ସେ ସ୍ଥାନ ପରିତ୍ୟାଗ କରିବାକୁ ସେ ଶ୍ରେୟ ମଣିଲେ। ସେଇକ୍ଷଣି ଘର ମାଲିକାଣୀଙ୍କ ମଗଜରେ ଅହଙ୍କାର ଭୂତ ସବାର ହେଲା। ମୋ' ପତ୍ନୀ ତାଙ୍କ ପରିଚୟ ଓ ପତିଆରାକୁ ଅସମ୍ମାନ କରୁଛି, ତାଙ୍କ କଥାକୁ ଅସ୍ୱୀକାର କରୁଛି, ତାଙ୍କ ସାମାଜିକ ପ୍ରତିଷ୍ଠା ତଥା କ୍ଷମତାକୁ ଅବମାନନା କରୁଛି ବୋଲି ସେ ମହାଶୟା ମନେକଲେ। ସେଥିପାଇଁ ସେ କ୍ରୋଧାନ୍ୱିତା ହୋଇ ମୋ' ପତ୍ନୀଙ୍କ ପ୍ରତି କର୍କଶୋକ୍ତି ପ୍ରୟୋଗ କଲେ– କ'ଣ ହେଲା, ମୋ' କଥା ଉପରେ ଜବାବ ଦେଉଛୁ? ଚୁପ୍, ଏକଦମ୍ ଚୁପ୍। ବସ୍, କହୁଛି। ଆରେ, ମୋତେ ଚିହ୍ନି ନାହୁଁ, ମୁଁ କିଏ ?" ହଠାତ୍ ଘର ମାଲିକାଣୀଙ୍କର ଏତାଦୃଶ ଅଶାଳୀନ ଶବ୍ଦ ପ୍ରୟୋଗ ଓ ଅଭଦ୍ର ବ୍ୟବହାର ପ୍ରଦର୍ଶନରେ ମର୍ମାହତ ହେଲେ ମୋ' ପତ୍ନୀ। ତଥାପି ସେ ନେଇ କୌଣସି ପ୍ରତିକ୍ରିୟା ନ ଦେଖେଇ 'ଆଲୋ ସଖୀ, ଆପଣା ମହତ ଆପେ ରଖ' ନ୍ୟାୟରେ ସେ ଚୁପ୍‌ଚାପ୍ ଚାଲିଆସିଲେ ଘର ଭିତରକୁ।

ଅଫିସ୍‌ରୁ ଫେରି ମୁଁ ପତ୍ନୀଙ୍କଠାରୁ ସବୁକଥା ଅବଗତ ହେଲି। ତାଙ୍କ ପତ୍ନୀଙ୍କର ମୋ' ପତ୍ନୀ ପ୍ରତି ଅମାର୍ଜିତ ଶବ୍ଦ ପ୍ରୟୋଗ ଓ ଅମିଷ୍ଟ ବ୍ୟବହାର ପ୍ରଦର୍ଶନ ସମ୍ପର୍କରେ ଘର ମାଲିକଙ୍କୁ ମୁଁ ସଙ୍ଗେସଙ୍ଗେ ଜଣେଇଲି। ଘର ମାଲିକ ମୋତେ ଆଶ୍ୱାସନା ଦେଲେ, 'ଆଚ୍ଛାହେଉ କ'ଣ ହୋଇଛି, ମୁଁ ବୁଝୁଛି।'

ହେଲେ କଥା ଓଲଟା ହେଲା। ଘରମାଲିକ ବୁଝାମଣା କରିବେ କ'ଣ, ଅଧିକନ୍ତୁ ପତ୍ନୀଙ୍କ ପକ୍ଷ ସମର୍ଥନ କରି ଘଟଣାକୁ ଆହୁରି ଅଧିକ ଜଟିଳ, ଉତ୍ତେଜନାପ୍ରବଣ କରିଦେଲେ। ସେଇଠୁ ଘର ମାଲିକାଣୀର ପଦମର୍ଯ୍ୟାଦା ବହନ କରୁଥିବା ସମ୍ଭ୍ରାନ୍ତା ଭଦ୍ର ମହିଳା ଆମମାନଙ୍କ ପ୍ରତି ଅଧିକରୁ ଅଧିକ ଅସହିଷ୍ଣୁ, ଈର୍ଷାପରାୟଣା ତଥା ପ୍ରତିଶୋଧପରାୟଣା ହୋଇ ଉଠିଲେ। ନିଜର ବୃଥା ଆଡ଼ମ୍ବର, ମୂଲ୍ୟହୀନ ଆତ୍ମବଡ଼ିମାକୁ ଆମ ଆଗରେ ପ୍ରକଟ କରିବା ଆଳରେ ଗୋଟିଏ ବିଲାତି ମାଇକୁକୁର (କୁତୀ) ଆଣି ଆମ ଘର ଆଗରେ ବାନ୍ଧିଲେ, ତାଙ୍କ ପୁଅ, ଝିଅ, ପୁତୁରା, ଝିଆରୀ ଏବଂ ଘରର ଅନ୍ୟମାନଙ୍କୁ ବିଶେଷ ଭାବରେ ତାଲିମ ଦିଆଗଲା ଯେ ଆମ ସହିତ ସେମାନେ ପୂର୍ଣ୍ଣମାତ୍ରାରେ ଅସହଯୋଗ କରିବେ ଏବଂ ଉଚ୍ଚସ୍ୱରରେ ପାଟିକରି କୁତୀଟିକୁ ଗେଲ କରିବେ।

ଭାଗ୍ୟର ଚରମ ବିଡ଼ମ୍ବନା! ସେତେବେଳେ ମୋ' ପାଇଁ ତଥା ମୋ' ପରିବାର ପାଇଁ ସମୟ ବୋଧହୁଏ ଅନୁକୂଳ ନ ଥିଲା। ମୁଁ ଜଣେ ସାଦାସିଧା ମଣିଷ। ବୃତ୍ତିଗତ ଜଞ୍ଜାଳ ଓ ପରିବାରର ଭଲମନ୍ଦ ବୁଝିବା ପରେ, ଲେଖାଲେଖିରେ ଅବଶିଷ୍ଟ ସମୟ ବିତେ। ମାତ୍ର ଆତ୍ମଘୋଷିତ ସେଇ ଉଦ୍ଧତା ଘର ମାଲିକାଣୀଙ୍କ କୋପାନଳରେ ମୋ' ସାଧନା ଯେମିତି ଧ୍ୱସ୍ତବିଧ୍ୱସ୍ତ ହେବାକୁ ବସିଲାଣି ; ତାହା ମୁଁ ବେଶ୍ ଭଲଭାବରେ ହୃଦୟଙ୍ଗମ କରି ପାରୁଥିଲି। ମୁଁ ଘରେ ଥିବା ଅବସ୍ଥାରେ ମୋର ଯଦି କେହି ଲେଖକ ବନ୍ଧୁ କିମ୍ବା କେହି ଜଣାଶୁଣା ଲୋକ ସମ୍ଭ୍ରାନ୍ତା ଭଦ୍ର ମହିଳା ଓରଫ ଘର ମାଲିକାଣୀଙ୍କୁ ମୋର ଉପସ୍ଥିତି, ଅନୁପସ୍ଥିତି ସମ୍ପର୍କରେ ପଚରାଉଚୁରା କରୁଥିଲେ, ତେବେ ସେମାନଙ୍କୁ ସେ ଭୁଲ୍ ତଥ୍ୟ ଦେଉଥିଲେ, ଯାହାକି ମୋ' ପାଇଁ ଅତ୍ୟନ୍ତ ପୀଡ଼ାପ୍ରଦ ଥିଲା।

ଉଦ୍ଧତା ଘର ମାଲିକାଣୀ ସାହିତ୍ୟର ଧାର ଧାରନ୍ତି ନାହିଁ କି ଯଥାର୍ଥ ମୂଲ୍ୟ ବୁଝନ୍ତି ନାହିଁ। ସ୍ନେହ, ଶ୍ରଦ୍ଧା, ସମ୍ପର୍କ, ସଂପ୍ରୀତିର ମୂଲ୍ୟବୋଧ ମଧ୍ୟ ସେ ବୁଝନ୍ତି ନାହିଁ। ସେ ସଦାବେଳେ ଅହଙ୍କାରର ବଶବର୍ତ୍ତୀ ହୋଇ ନିଜର ମତଲବକୁ ନେଇ ବଞ୍ଚିବାକୁ ଭଲପାଆନ୍ତି।

ସମୟ ଥିଲା, ସେ ମହାଶୟା ମୋ' କୁନି ପୁଅଝିଅଙ୍କୁ ତାଙ୍କ ହୃଦୟର ସ୍ପନ୍ଦନ କହି ଦିନରାତି ଗେଲ କରୁଥିଲେ। ଅଥଚ ପରବର୍ତ୍ତୀ ସମୟରେ ସେମାନଙ୍କୁ (ପୁଅ ଝିଅଙ୍କୁ) ଦେଖିବାମାତ୍ରେ ସେମାନଙ୍କ ପ୍ରତି ସେ ନିଷ୍ଠୁର ହୋଇ ଯାଇ ଘୃଣାସୂଚକ ଇଙ୍ଗିତ ଓ ମନକୁ ଆଘାତ ଦେବା ଭଳି ଶବ୍ଦ ପ୍ରୟୋଗ କରୁଥିଲେ। ଆଶ୍ରିତମାନଙ୍କ ପ୍ରତି କେମିତି ଆଚରଣ ପ୍ରଦର୍ଶନ କରାଯାଇଥାଏ, ସେ ଜ୍ଞାନ ବୋଧହୁଏ ତାଙ୍କ ପାଖରେ ନ ଥିଲା। ଆମ ପ୍ରତି ତାଙ୍କର ଅଭଦ୍ର ଓ ଅମଙ୍ଗଳ ଆଚରଣ ଦିନକୁଦିନ ବୃଦ୍ଧି ପାଇବାରୁ ଆମେ ଶେଷକୁ ବାଧ୍ୟ ହୋଇ ତାଙ୍କ ଘର ଛାଡ଼ିଲୁ।

ସୁଧୀ ପାଠକେ! ଯାହା କୁହନ୍ତୁ, ଏସନ (ଏପରି) ଘର ମାଲିକାଣୀ ସହଜରେ ମିଳନ୍ତି ନାହିଁ। ଆଉ ଯଦି ମିଳନ୍ତି (ଆମ ପରି ଆଉ କାହାକୁ!) ତେବେ ପ୍ରଭୁ ନାମକୁ ଚିତ୍ତେ ସ୍ମରି, ତୁରନ୍ତେ ଭଡ଼ା ଘରୁ ହେବେ ପାରି। ହରିଓମ୍ ତତ୍‌ସତ୍! କାରଣ ଏପରି ଘର ମାଲିକାଣୀ ବାହାରକୁ ଲାଗନ୍ତି ସ୍ନେହମୟୀ, ହାସ୍ୟମୟୀ, ସୁଶୀଳା, ମିଷ୍ଟଭାଷିନୀ, ଭିତରେ ଭିତରେ କିନ୍ତୁ କପଟିନୀ, ସ୍ୱାର୍ଥପରାୟଣା, ଫୁଲ୍ ପେଞ୍ଚ ସ୍ୱରୂପିଣୀ ! ଅତଏବ ଏପରି ଘର ମାଲିକାଣୀଙ୍କର 'ଚାରି ଖୁରାକୁ ଜୁହାର' !

– ଡୁପ୍ଲେକ୍ସ: ୧୦(ବି), ବୀମା ବିହାର
ମର୍କତନଗର, ସେକ୍ଟର – ୬, କଟକ

# ରାସ୍ତାରେ ଏକାଏକା

ଗଳ୍ପ

**ଡ. ଭବାନୀ ଶଙ୍କର ଦାଶ**

ରାତି ପାହିବାକୁ କାହିଁକି ଏତେ ଡେରି ହେଉଥିଲା କେଜାଣି। ପାହାନ୍ତାରାତିକୁ ଚଞ୍ଚଳ ସରିଯିବାକୁ ଚାହୁଁଥିଲା ସିଏ। ତା' ଚାହିଁବାକୁ ବିରୋଧ କରି ରାତିପାହିବା ଯେତିକି ଡେରି ହେଉଥିଲା, ଅସ୍ଥିରତା ସେତିକି ବଢ଼ି ଯାଉଥିଲା। ରାତିପାହିଲେ ସହରକୁ ଯିବ। ତା' ପ୍ରାଣର ପିତୁଳାକୁ ବଡ଼ଡାକ୍ତରଙ୍କୁ ଦେଖେଇବ। ତା' ପୁଅର ଅସୁସ୍ଥତା ତା' ପାଇଁ ମହା ଚିନ୍ତା ହୋଇଯାଇଛି। ତା' ପାଖରେ ଅବଶିଷ୍ଟ ସମ୍ପତ୍ତି ଗୋଟେ ମୁଦି ଓ ନାକଫୁଲକୁ ସନ୍ଧ୍ୟାବେଳେ ବନ୍ଧାପକାଇ ତିନି ହଜାର ଟଙ୍କା ଆଣିଥିଲା। ସନ୍ଧ୍ୟା ପରେ ଭୁବନେଶ୍ୱର ଯିବା ପାଇଁ କେହି ଗାଡ଼ିବାଲା ରାଜି ହେଲେନାହିଁ। ଯିଏବା ରାଜି ହେଲେ, ସିଏ ହୋସ୍‌ରେ ନ ଥିଲେ। ମଦ ପିଇ ମାତାଲ ଥିଲେ। ଘରେ ଏକାକୀ ଛୁଆଟାକୁ ଛାଡ଼ିଦେଇ ସାହିମୁଣ୍ଡ ଛକ ଉପରକୁ ଯାଇଥିଲା ଗାଡ଼ି ଯୋଗାଡ଼ କରିବାକୁ। ଯୋଉ ଗାଡ଼ିବାଲାକୁ ପଚାରିଲା, ସିଏ ହଁ କି ନା କହିବା ଆଗରୁ ରୀମାର ପାଦରୁ ମୁଣ୍ଡଯାଏ ତନ୍ନତନ୍ନ କରି ଦେଖିଯାଉଥିଲେ। ସେମାନଙ୍କ ଚାହାଣିର ଛୁଞ୍ଚି ଫୋଡ଼ି ହୋଇ ଯାଉଥିଲା ତା' ଦେହମନରେ। ତାକୁ ସେଥିପାଇଁ ଭାରି ଖରାପ ଲାଗୁଥିଲା। କିନ୍ତୁ କ'ଣ କରିବ? ପୁଅର ଜୀବନ ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲା। ଏତେ ରାତିରେ ଏକାଏକା ଛକ ଉପରେ ଛିଡ଼ା ହୋଇଥିଲା। ଅନେକ ଇସାରା ଇଙ୍ଗିତକୁ ସହ୍ୟ କରିଯାଉଥିଲା। ତା' ମନ କହୁଥିଲା ଏତେବଡ଼ ଦୁନିଆରେ ସେ ଏକଦମ୍ ଏକା ହୋଇଯାଇଛି। ସମସ୍ତେ ପ୍ରତିପକ୍ଷ ଦଳରେ ରହି ତା'ର ରଷି ମନଲୋଭା ଶରୀରଟାକୁ କେବଳ ଲୋଭେଇକି ଚାହୁଁଛନ୍ତି। କେହି ଦେଖିପାରୁନାହାନ୍ତି ତା'ର ଦୁଃଖକୁ ଓ ତା'ର ଅସହାୟତାକୁ। ତା'ର ବର୍ତ୍ତମାନର ଅବସ୍ଥା କାହାରି ଆଖିକୁ ଦେଖାଯାଉନାହିଁ। ତା' ଯନ୍ତ୍ରଣା ତା'ର ଏକାନ୍ତ ନିଜସ୍ୱ। ଜୀବନ ରାସ୍ତାରେ ତାକୁ ଏମିତି ଏକା ଚାଲିବାକୁ ହେବ। ସାତଦିନ ହେଲା ଆଜକୁ। ପୁଅର ଜ୍ୱରଟା ଛାଡ଼ିବାର ନାଁ ଧରୁନାହିଁ। ପାଖ ଡାକ୍ତରଖାନାଠୁଁ ଆରମ୍ଭ କରି ଝଡ଼ାଫୁଙ୍କା, ହୋମିଓପାଥି ଇତ୍ୟାଦି ସବୁ ଚେଷ୍ଟା ତା'ର ବିଫଳ ହୋଇଛି। ତା'ର ଏକମାତ୍ର ଆଶାଭରସା ତା' ପୁଅ। ଦ୍ୱିପ୍ରହର ବେଳକୁ ହଠାତ୍ ନୀଳ ପଡ଼ିଗଲା ସାତଦିନର ଜରୁଆ ପିଲାଟା। ମୁଣ୍ଡରେ ପାଣିପଟି ପକାଇ ଭାବିଥିଲା ସହରକୁ ନେଇଯିବ। ପଇସା ଯୋଗାଡ଼ ବାଧକ ସାଜିଲା। ପଇସା ଯୋଗାଡ଼ କରିବାକୁ ହେଲେ ପିଲାଟାକୁ ଘରେ ଏକା ଛାଡ଼ିଯିବାକୁ ହବ। ପଇସାପତ୍ର ଯୋଗାଡ଼ ସରିଲା ବେଳକୁ ରାତି ହୋଇ ଯାଇଥିଲା। କ'ଣ କରିବ ଭାବି ପାରୁ ନ ଥିଲା। ସନ୍ଧ୍ୟାଯାଏ ପିଲାଟା ଡାକିଲେ ଆଖି ଖୋଲୁଥିଲା, ଏବେ ସେତକ ବି ଆଉ ନାହିଁ। କ'ଣ କରିବ କିଛି କୂଳକିନାରା ପାଉ ନ ଥିଲା। ବାଧ ହୋଇ ଛୁଆଟାକୁ କାନ୍ଧରେ ପକାଇ ସାହି ଛକରେ ଛିଡ଼ା ହୋଇଥିଲା ଅତି ଅସହାୟ ଭାବରେ। ଅଢ଼େଇବର୍ଷ ତଳେ ନିଜ ପରିବାରକୁ ପଛ କରିଦେଇ ଯାହା ହାତ ଧରି ଚାଲି ଆସିଥିଲା, ସିଏ ବର୍ଷଟିଏ ନ ପୂରୁଣୁ ରୀମାକୁ ପର କରିଦେଲା। ସେତେବେଳକୁ ରୀମା ଥିଲା ଗର୍ଭବତୀ। ଅଜାତିରେ ବିବାହ ହେତୁ ପଛକୁ ଫେରିବାର ରାସ୍ତା ନ ଥିଲା। ଗର୍ଭଧାରିଣୀ ରୀମା ଏକାଏକା ମାତୃତ୍ୱର ଚରମ ଆହ୍ଲାଦରେ ସ୍ୱାମୀର ଜହ୍ଲାଦତ୍ୱକୁ ଅସ୍ୱୀକାର କରିଥିଲା। କ୍ରମେ ପିଲା ଜନ୍ମହେଲା। ସେତେବେଳେ ବି କେହି ତା'ର ଭଲମନ୍ଦ, ଖୋଜଖବର ନେଇ ନ ଥିଲେ। ବସ୍ତିରେ ସାଇକେଲ ମରାମତି ଦୋକାନ କରିଥିବା ମଦନା ମଉସା ତାକୁ ଆଶ୍ରୟ ଦେଇଥିଲା। ମଦନା ମଉସାର ଗୋଟିଏ ବଖରା ଘରକୁ ଭଡ଼ାରେ ନେଇଥିଲା। ପରଘରେ ପାଇଟି କରି ଜୀବନ ବଞ୍ଚିଲା ଓ ପିଲାକୁ ବଞ୍ଚାଇଲା ରୀମା।

ମଦନା ମଉସା ତା' ବାପାଙ୍କ ବୟସଠାରୁ ବି ବଡ଼। ଏ ବୟସରେ ବି ଛି...ଛି। ରୀମା ଦୃଢ଼ ପ୍ରତିବାଦ କଲା ବୋଲି ଦି'ଥର ଘର ଛାଡ଼ିବାକୁ ତାଗିଦା କଲାଣି। ଆଜି ସାହାଯ୍ୟଟିକେ କରିବାକୁ ରୀମା ବିକଳ ହୋଇ ଅନୁରୋଧ କରିବାରୁ ଶୁଣି ନ ଶୁଣିଲା ଭଳି ହେଲା। ସତରେ କ'ଣ ତା' ପୁଅ ଭଲ ହବନାହିଁ! ଭଗବାନ୍‌ଙ୍କ ଉପରେ ସବୁକିଛି ସମର୍ପି ଦେଲା। ଚାଲିଆସିଲା ଛୁଆକୁ ଧରି ରାସ୍ତା ଉପରକୁ। ଦେବତା ଭଳି କାହୁଁ ଆସି ପହଞ୍ଚିଗଲା ଅଟୋବାଲାଟିଏ। ଦୁଃଖ ଶୁଣି ମା' ପୁଅକୁ ରାତାରାତି ଡାକ୍ତରଖାନା ନେଇଗଲା। ପିଲାଟାକୁ ଅଟୋରୁ ବୋହିନେଲା ମେଡିକାଲର ଜରୁରିକାଳୀନ ଚିକିତ୍ସା ଟେବୁଲ ଉପରକୁ। ଡାକ୍ତର ଦେଖିଲେ। ରାତିରେ ମେଡିକାଲରେ ରହିବାକୁ କହିଲେ। ଅଟୋବାଲା କିଣିଆଣିଲା ଔଷଧ ଇଂଜେକ୍‌ଶନ। ରାତିରେ ରୀମା ଜଗି ରହିଲା ପୁଅ ପାଖରେ। ପାହାନ୍ତା ହେଇଆସିଲାଣି। ସାଲାଇନ୍ ଲାଗିଥିଲା। ତଥାପି ପିଲାଟା ଚାହୁଁନି କାହିଁକି? ବାହାରକୁ ଚାହିଁଲା ରୀମା। ଦୃଷ୍ଟି ପଡ଼ିଲା ଅଟୋବାଲା ଉପରେ। ଅଟୋବାଲାଟା ଅଟୋର ବସିବା ଗଦି ଖୋଲି ଆଣି ମେଡିକାଲ ବାରଣ୍ଡାରେ ପକାଇ ଶୋଇ ଯାଇଥିଲା। ରୀମାକୁ ରାତି ପାଇଁ ଖାଇବା ଦେଇ କୁଆଡ଼େ ଚାଲିଯାଇଥିଲା। ଏବେ ବାରଣ୍ଡାରେ ଶୋଇ ଘୁଙ୍ଗୁଡ଼ି ମାରୁଛି। ତା' ପାଖରେ ଦି'ଟା ବୁଲାକୁକୁର ଶୋଇଥିଲେ। ଅଟୋବାଲାର ବଡ଼ପେଟଟା ଘୁଙ୍ଗୁଡ଼ି ସହ ତାଳଦେଇ ତାଳରେ ନାଚୁଥିଲା। ରୀମା ଥରେ ଚାହୁଁଥିଲା ସାଲାଇନ୍‌ରୁ ପଡୁଥିବା ବୁନ୍ଦାକୁ, ଥରେ ପୁଅକୁ, ଥରେ ଅଟୋବାଲାକୁ ଓ ଥରେ ଖାଦ୍ୟ ପୁଡ଼ିଆକୁ। କାଲିଠୁ ନ ଖାଇଥିଲେ ବି ତାକୁ ଭୋକ ନ ଥିଲା। ତା' ପୁଅ ଯଦି ଥରଟେ ଆଖିଖୋଲି ଚାହିଁବ, ତେବେ ସେ ଖାଇବ- ଏଇ ସଂକଳ୍ପରେ ରହିଗଲା। ବେଳେବେଳେ ତା' ବ୍ୟାକୁଳ ଦୃଷ୍ଟି ପଡୁଥିଲା ଅଟୋବାଲାର ପେଟ ଓ ତା' ପୁଅର ପେଟ ଉପରେ। ସେ ଭାବିଲା କାଳେ ସେ ଅଟୋବାଲାଟା ଖାଦ୍ୟରେ ନିଶାବଟିକା ମିଶେଇ ଦେଇଥିବ। ପୁଣି ନିଜକୁ ବୁଝେଇଲା, ନା ନା ନିଜ ହାତରୁ ଖର୍ଚ୍ଚ କରି ଯିଏ ସାହାଯ୍ୟ କରୁଛି ତା' ପ୍ରତି ଏମିତି ଭାବିବା



**ପୁଅର ଜୀବନ ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲା ରୀମା। ଏତେ ରାତିରେ ଏକାଏକା ଛକ ଉପରେ ଛିଡ଼ା ହୋଇଥିଲା। ଅନେକ ଇସାରା ଇଙ୍ଗିତକୁ ସହ୍ୟ କରିଯାଉଥିଲା। ତା' ମନ କହୁଥିଲା ଏତେବଡ଼ ଦୁନିଆରେ ସେ ଏକଦମ୍ ଏକା ହୋଇଯାଇଛି।**

ଅନ୍ୟାୟ। ପୁଣି ଅଟୋବାଲା ନିଦ ଭାଙ୍ଗିଲେ ଯଦି ଦେଖେ ସେ ଆଣିଥିବା ଖାଦ୍ୟ ସେମିତି ଥୁଆ ହୋଇଛି ବୋଲି, ତେବେ ଖରାପ ଭାବିବ ନିଶ୍ଚୟ। ପୁଅ ପାଖରୁ ଉଠିଯାଇ ଖାଦ୍ୟ ପୁଡ଼ିଆକୁ ଡଷ୍ଟବିନ୍‌ରେ ପକାଇଦବାକୁ ବି ତା'ର ସାହସ ପାଉନି। ନର୍ସ ଆସିଲେ। ସାଲାଇନ୍ ବଦଳାଇଲେ। ପୁଅର ଛାତିରେ ଯନ୍ତ୍ର ରଖି ପରୀକ୍ଷା କଲେ। ତା' ମୁହଁରେ ମୁଖାଟେ ଲଗାଇଦେଲେ। ତା'ପରେ କହିଲେ, ମୁଁ ଅକ୍‌ସିଜେନ ଲଗାଇଦେଲି। ତୁମ ପାଖରେ ପୁରୁଷ ଲୋକ କେହି ଯଦି ଅଛନ୍ତି, ତେବେ ପିଲାକୁ ବଡ଼ ମେଡିକାଲ ନବାର ବ୍ୟବସ୍ଥା ଜଲ୍‌ଦି କର। ଅବସ୍ଥା ସାଂଘାତିକ। ଏଇ ସାଂଘାତିକ ଶବ୍ଦଟା ରୀମାକୁ ଭୀଷଣ ଆଘାତ ଦେଲା। ତା' ଇଚ୍ଛା ହେଉଥିଲା ଚିତ୍କାର କରି କାନ୍ଦିବାକୁ, ଈଶ୍ୱରଙ୍କୁ ଅଭିଶାପ ଦେବାକୁ। ମାତ୍ର କିଛି କରିପାରୁ ନ ଥିଲା। ଧାଇଁଗଲା ସେଇ ନର୍ସ ପାଖକୁ। ନିଜ ଅବସ୍ଥା କଥା ଜଣାଇ ଆମ୍ବୁଲାନ୍ସ ପାଇଁ ଅନୁରୋଧ କଲା। ନର୍ସ କହିଲେ, ଆମ୍ବୁଲାନ୍ସ ପାଇଁ ପଇସା ଦେବାକୁ ହବ। ତା' ପରେ ଡ୍ରାଇଭରମାନେ ରାତିରେ ନିଶାରେ ଥାଇପାରନ୍ତି। ତୁମେ ଏକା ସେମାନଙ୍କ ସାଥିରେ ଯିବାଟା ଠିକ୍ ହେବନାହିଁ। ମୁଁ ଡାକ୍ତରଙ୍କ ସହିତ କଥା ହେଲି। ଶେଷ ଚେଷ୍ଟା ପାଇଁ ଡାକ୍ତର ଏଇ ଇଂଜେକ୍‌ଶନଟା ଲେଖି ଦେଇଛନ୍ତି। କିଣିଆଣ ଦେଖିବା। ଇଂଜେକ୍‌ଶନଟା ପ୍ରାୟ ପାଞ୍ଚହଜାର ଟଙ୍କା ପଡ଼ିବ। ଟଙ୍କା କଥା ଶୁଣି ରୀମା ଥତମତ ହେଲା। ଏତିକିବେଳେ ତା' ପୁଅର କାନ୍ଦ ଭଳି ଶୁଣାଗଲା। ଦୁଆର ମୁହଁରୁ ପୁଅ ପାଖକୁ ଧାଇଁଗଲା। କିନ୍ତୁ ଇଏ କ'ଣ? ପୁଅର ନାକ ଓ ପାଟିରୁ ରକ୍ତ ବାହାରୁଥିଲା। ଝଲକା ଝଲକା ରକ୍ତବାନ୍ତିରେ ବୁଡ଼ିଯାଇଥିଲା ମୁହଁରେ ଲାଗିଥିବା ଅକ୍‌ସିଜେନ ମୁଖାଟା। ଶ୍ୱାସରୁନ୍ଧି ହୋଇଯାଇଥିଲା। ବଡ଼ ପାଟିରେ ନର୍ସକୁ ଡାକ ପକାଇଲା। ନର୍ସ ଧାଇଁ ଆସିଲେ। ଦେଖିଲେ ପିଲାଟାର ବେକ ପାଖରେ ବେଡ୍‌ରେ ରକ୍ତସବୁ ଜମା ହୋଇ ରହିଛି। ତୁଳାରେ ସେସବୁ ପୋଛି ସଫା କଲେ। ପୁନର୍ବାର ଅକ୍‌ସିଜେନମୁଖା ଲଗାଇଦେଲେ। ରୀମାର ପାଦତଳର ମାଟି ଧସି ଯାଉଥିଲା ଯେମିତି। ସିଏ ଭାବି ଚାଲିଥିଲା ଆକାଶରୁ ପାତାଳଯାଏ। ପୁଅର ଛାତିକୁ ନିଜ ହାତ ପାପୁଲିରେ ଚାପି ଚାଲିଥିଲେ ନର୍ସ। ରୀମାର ଛାତି ଭିତରର କଲିଜାଟା ସେ ଚାପରେ ଫାଟି ପଡୁଥିଲା ଯେମିତି। ତଥାପି ରାତି ପାହୁ ନ ଥିଲା। ରୀମା ଭାବୁଥିଲା କାହିଁକି ତା' ଜୀବନରେ ଦୁର୍ଭାଗ୍ୟସବୁ ରାତିରେ ହିଁ ଆସୁଥିଲେ। ଦୁର୍ଭାଗ୍ୟମାନେ ସତରେ କ'ଣ ରାତିର ବହଳ ଅନ୍ଧାର ଭଳି କଳା? ଗାଁରେ ପଡ଼ିଥିବା ନାଚପାର୍ଟିର ଯାତ୍ରାଦେଖା ରାତିରୁ ହିଁ ତା' ଭଲପାଇବା ଆରମ୍ଭ ହୋଇଥିଲା। ରାତିରେ ଘରେ କାହାକୁ ନ ଜଣାଇ ଘରଛାଡ଼ି ସହରକୁ ଯାହା ହାତ ଧରି ପଳାଇ ଆସିଥିଲା, ସିଏ ବି ରାତିରେ ତାକୁ ଏକୁଟିଆ ଛାଡ଼ି ଚାଲିଗଲା। ଏଇଠି ବସିଥା' ମୁଁ ସଉଦା ନେଇକି ଆସେ କହି ଗଲା ଯେ ଗଲା, ଆଉ ଫେରିଲା ନାହିଁ। ଅନେକ ଖୋଜିଲା ରୀମା। ପାଇଲା ନାହିଁ। ଏ ପିଲାଟା ବି ଜନ୍ମ ହେଲା ରାତିରେ। ଆଉ ଆଜି ଏ ଅବସ୍ଥା।

ନର୍ସ ଆସି କହିଲେ- କହିଲି ପରା ତୁରନ୍ତ ବଡ଼ ଡାକ୍ତରଖାନା ନିଅ ବୋଲି। କ'ଣ ଶୁଭୁନି? କ'ଣ କରିବ ଭାବି ପାରୁ ନ ଥିଲା ରୀମା। ଇଂଜେକ୍‌ଶନର ଦାମ୍ ପାଞ୍ଚହଜାର। ତା' ପାଖରେ ଅଛି ମାତ୍ର ତିନି ହଜାର। ସେଥିରେ ଅନ୍ୟ ଖର୍ଚ୍ଚ ବି ଲାଗିପାରେ। ଯାହା ବି ହଉ, ସେ ତା' ପୁଅକୁ ବଞ୍ଚାଇବ। ଦୃଢ଼ ହେଲା। ଚାହିଁଲା ବାରଣ୍ଡାରେ ଶୋଇଥିବା ଅଟୋବାଲାକୁ। ଅଟୋବାଲା ଶୋଇଥିଲା, ମାତ୍ର ତା' ଘୁଙ୍ଗୁଡ଼ି ଶୁଭୁ ନ ଥିଲା। ନିଜର ଆବେଗକୁ ରୋକି ନ ପାରି ଅଟୋବାଲାକୁ ଡାକିଲା। ସିଏ ଶୁଣିଲା ନାହିଁ। ଧୈର୍ଯ୍ୟ ହରାଇ ସୀମା ପାଖକୁ ଯାଇ ଅଟୋବାଲାକୁ ନିଦରୁ ଉଠାଇବା ପାଇଁ ହଲାଇଦେଲା। ଏ କ'ଣ ହେଲା? ବାରଣ୍ଡା ତଳକୁ ଗଡ଼ିପଡ଼ିଲା ଅଟୋବାଲା। ଏତେବଡ଼ ମୋଟା ଲୋକଟା ଦୁମ୍‌କିନା ତଳେ ପଡ଼ିଲା। ଅଥଚ ତା' ନିଦ ଭାଙ୍ଗୁ ନ ଥିଲା। ଏପଟେ ନର୍ସ ଡାକ ପକାଉଥିଲେ ଆମ୍ବୁଲାନ୍ସ ଆସିଲାଣି ବୋଲି। ଅଟୋବାଲା ତଥାପି ତଳୁ ଉଠୁ ନ ଥିଲା। ନର୍ସ ଆସି ରୀମା ଉପରେ ପ୍ରବଳ ରାଗିଲେ। ଅଯଥା ଡେରି କରୁଥିବାରୁ ବିରକ୍ତ ହେଲେ। ରୀମା ଦେଖିଲା, ନର୍ସ ଘର ଭିତରକୁ ଯାଇ ତା' ପୁଅ ମୁହଁରୁ ଅକ୍‌ସିଜେନ କାଢ଼ିଦେଲେ ଓ ଆମ୍ବୁଲାନ୍ସକୁ ଫେରାଇଦେଲେ। ତା' ପରେ ଆସି ତଳେ ପଡ଼ିଥିବା ଅଟୋବାଲାକୁ ପରୀକ୍ଷା କଲେ। ଡାକ୍ତରଙ୍କୁ ଫୋନ୍ କଲେ। ଡାକ୍ତର ଆସିଲେ। ଅନ୍ୟ ଲୋକଙ୍କ ସାହାଯ୍ୟରେ ଅଟୋବାଲାକୁ ତଳୁ ଉଠାଇ ବାରଣ୍ଡା ଉପରେ ଶୁଆଇ ଦିଆଗଲା। ଡାକ୍ତର ଦେଖିସାରି ତାକୁ ମୃତ ଘୋଷଣା କଲେ। ରୀମା ବୁଲି ଚାହିଁଲା ତା' ପୁଅକୁ। ଏବେ ତା' ପୁଅକୁ ବଡ଼ ଡାକ୍ତରଖାନା ନେବା ପାଇଁ କିଏ ସାହାଯ୍ୟ କରିବ? ସେତେବେଳକୁ ତା' ପୁଅକୁ ଧଳାକନା ଘୋଡ଼େଇ ଦିଆଯାଇଥିଲା। ଦୂରରୁ କୁକୁରମାନଙ୍କର ମିଳିତ ବିକଳ କରୁଣ କ୍ରନ୍ଦନ ଶୁଣାଯାଉଥିଲା। ପାହାନ୍ତା ଆକାଶରେ ଅସ୍ତଜହ୍ନ ନିଜ ମୃତ୍ୟୁର ପ୍ରହର ଗଣୁଥିଲା।

**– ଅଧ୍ୟାପକ, ଶିଶୁ ଅନନ୍ତ ମହାବିଦ୍ୟାଳୟ, ବାଲିପାଟଣା, ଖୋର୍ଦ୍ଧା**







# ୨୦୧୮ ସାଲତମାମି

**ପ୍ରିୟ ପାଠିକାପାଠକ, ଲେଖିକାଲେଖକ**

୨୦୧୮ରେ ବର୍ଷ ତମାମ୍ ଆପଣ ଧରିତ୍ରୀ ସାହିତ୍ୟାୟନକୁ ଶ୍ରଦ୍ଧାର ସହ ଆପଣାଇ ଓଡ଼ିଆ ସାହିତ୍ୟର ସମକାଳୀନ ପ୍ରେକ୍ଷାପଟରେ ଏହାକୁ ଏକ ଉଚ୍ଚତା ଆଣି ଦେଇଛନ୍ତି। ଥରଟିଏ ସାହିତ୍ୟାୟନ ହସ୍ତଗତ ନ ହେଲେ ବାଉଳି ହୋଇ ଖୋଜିଛନ୍ତି, ଯାହା ଦେଖି ଆମ ମନପ୍ରାଣ ଆନନ୍ଦରେ ପୂରି ଉଠିଛି। ଓଡ଼ିଶାର କୋଣ ଅନୁକୋଣ ଏପରିକି ରାଜ୍ୟ ଓ ଦେଶ ବାହାରୁ ନିଜର ଉତ୍କୃଷ୍ଟତମ ଗଳ୍ପ, କବିତା, ପ୍ରବନ୍ଧ, ଭ୍ରମଣ ବୃତ୍ତାନ୍ତ ଓ ବିଜ୍ଞାନ ରଚନା ପଠାଇ ଆପଣମାନେ ହିଁ ସାହିତ୍ୟାୟନକୁ ଅଧିକରୁ ଅଧିକ ଗୁଣାତ୍ମକ କରିବାରେ ସହାୟତା କରିଛନ୍ତି। କେତେ ଆଖି ଫିଟି ନ ଥିବା ନୂଆ ସ୍ରଷ୍ଟା ସାହିତ୍ୟାୟନରେ ତାଙ୍କର ପ୍ରଥମ ଆଖି ଖୋଲିଛନ୍ତି। ପ୍ରବୀଣ ଓ ଯଶସ୍ୱୀ ଲେଖିକାଲେଖକମାନେ ସାକ୍ଷାତ୍‌କାର ଦେବା ପାଇଁ ସାହିତ୍ୟାୟନକୁ ପ୍ରଥମ ପସନ୍ଦ ଭାବେ ବାଛିଛନ୍ତି। ଏସବୁ ଆମକୁ ନାନା ଭାବେ ଉଦ୍‌ବୁଦ୍ଧ କରିଛି ଆହୁରି ପାଦେ ଆଗକୁ ଯିବାକୁ। ଆଶା କରୁଛୁ, ୨୦୧୯ରେ ବି ଆପଣମାନଙ୍କ ସହଯୋଗ ଏହିପରି ଅବ୍ୟାହତ ରହିବ। ନୂଆବର୍ଷ ଆପଣମାନଙ୍କ ପାଇଁ ସୃଜନଶୀଳ ଏବଂ ମଙ୍ଗଳମୟ ହେଉ !

**ସାକ୍ଷାତ୍‌କାରରେ ଏ ବର୍ଷ ଆମ ଆଦର ଭାଜନ :** ଜୟ ଗୋସ୍ୱାମୀ (୨୦୧୮ ମୂର୍ତ୍ତିଦେବୀ ପୁରସ୍କାର ବିଜେତା ଖ୍ୟାତନାମା ବଙ୍ଗଳା କବି), ଗୋବିନ୍ଦ ମିଶ୍ର(ଜ୍ଞାନପୀଠ ବିଜେତା ହିନ୍ଦୀ ଲେଖକ), ଅରୁଣ କମଲ(କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ହିନ୍ଦୀ ଲେଖକ), ମମତା ଦାଶ(୨୦୧୮ ଭାରତୀୟ ଭାଷାପରିଷଦ ସମ୍ମାନପ୍ରାପ୍ତା ବିଶିଷ୍ଟ କବୟିତ୍ରୀ)।

**ଗଭୀର ଦୁଃଖରେ ଲେଖିଛୁ ଏ ବର୍ଷ ଯାହାଙ୍କ ଶୋକଲେଖ :** କେଦାରନାଥ ସିଂହ, ଗୋପାଳ ଦାସ ସାକ୍‌ସେନା 'ନୀରଜ', ଭି.ଏସ୍.ନଇପଲ୍, ଅଟଳ ବିହାରୀ ବାଜପେୟୀ, ଚନ୍ଦ୍ରଶେଖର ରଥ, ଯଦୁନାଥ ଦାଶ ମହାପାତ୍ର, ଧନେଶ୍ୱର ମହାପାତ୍ର, ଫହମିଦା ରିୟାଜ୍, ବୈଷ୍ଣବ ଚରଣ ପରିଡ଼ା, ପ୍ରତିଜ୍ଞା ଦେବୀ, ଭଗବାନ ନାୟକ ବର୍ମା।

**ସ୍ୱତଃ ପ୍ରସନ୍ନ ହୋଇ ସାରସ୍ୱତ ଆଲେଖ୍ୟ ଲେଖିଛନ୍ତି :**
ଈଶ୍ୱର କରୁଣ(ପ୍ରସିଦ୍ଧ ହିନ୍ଦୀ କବି ଓ ଅନୁବାଦକ)

...'ସାହିତ୍ୟାୟନ'ର ସଜଳ-ସ୍ମୃତିରେ
ଏମାନେ ଚିରଞ୍ଜିବୀ,
ଅନ୍ୟ ଅନେକଙ୍କ ସହ।





# ବହିଟିଏ କରିପାରି ନାହିଁ ବୋଲି ମନରେ ଅନେକ ଅବସୋସ




**ରାଧାନାଥ ରଥଙ୍କ ଜନ୍ମ ୬ ମେ ୧୯୫୭ରେ, କଟକ ଜିଲା ବଡ଼ାମ୍ବାର ବ୍ରାହ୍ମଣ ନୂଆଗାଁ ଶାସନରେ। କବିତା ରଚନା, ବିଶେଷକରି ଶିଶୁ ସାହିତ୍ୟ ରଚନା ପ୍ରତି କୈଶୋରରୁ ଆଗ୍ରହ। ସାହିତ୍ୟ ସୃଷ୍ଟି ସାଙ୍ଗକୁ ସାହିତ୍ୟ-ସଂଗଠନରେ ମନଯୋଗୀ ରାଧାନାଥ ତାଙ୍କ ପ୍ରଥମ ଲେଖାର ଅନୁଭୂତିକୁ ମନେପକାଇଛନ୍ତି ଆଜି ପାଖାପାଖି ପାଞ୍ଚ ଦଶନ୍ଧି ପରେ...**



ରାଧାନାଥ ରଥ

ଅନେକ ବର୍ଷ ତଳର କଥା। ବଡ଼ାମ୍ବା ମୋହନ ସୁବୁଦ୍ଧି ହାଇସ୍କୁଲ୍‌ରେ ପଢୁଥାଏ ଅଷ୍ଟମ ଶ୍ରେଣୀରେ। ସ୍କୁଲ୍ ମାଗାଜିନ୍ ପାଇଁ ଲେଖା ମଗାଗଲା। 'ଲାଲ୍ ବାହାଦୁର' ଶୀର୍ଷକ ଏକ କବିତା ଦେଇଥିଲି। ତାହା ଯେତେବେଳେ ପ୍ରକାଶିତ ହେଲା, ମୋ' ଆନନ୍ଦ କହିଲେ ନ ସରେ। ପରେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ମୁଖପତ୍ରରେ, ଢେଙ୍କାନାଳ ମହାବିଦ୍ୟାଳୟ ଓ ଛାତ୍ରାବାସ ମୁଖପତ୍ରରେ କେତେକ କବିତା ପ୍ରକାଶିତ ହୋଇଥିଲା। ଢେଙ୍କାନାଳ ମହାବିଦ୍ୟାଳୟରେ ପଢୁଥିବା ବେଳେ 'ଅପାସୋରା ସ୍ମୃତି' ନାମକ ଏକ କବିତା ସେତେବେଳର ପ୍ରମୁଖ ଶିଶୁ ପତ୍ରିକା 'କୁନିରାଇଜ'ର ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେବେଠାରୁ କଲମ ରହିନି। ଲେଖା ଚାଲିଛି। ବଡ଼ାମ୍ବାରୁ ଆସି ଢେଙ୍କାନାଳରେ ବେଶୀଦିନ ରହିଗଲିଣି। ଏଠାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହିତ ଜଡ଼ିତ। ଢେଙ୍କାନାଳ ଜିଲା ଲେଖକ ସଂସଦର ସଂଗଠନ ସମ୍ପାଦକ, ଉପସଭାପତି ଭାବେ ରହି ସଂସଦର ଉନ୍ନତି କଳ୍ପେ କାମ କରିଛି। ପୁରାତନ ସାହିତ୍ୟ ପତ୍ରିକା 'ସହକାର' ପକ୍ଷରୁ ୨୦୦୫ ମସିହାରେ କବିତା ବିଭାଗରେ ସମ୍ବର୍ଦ୍ଧିତ ହୋଇଛି। ୨୦୦୬ରେ ସୌଭାଗ୍ୟ ଫାଉଣ୍ଡେଶନ୍ ନୂଆଦିଲ୍ଲୀ ତରଫରୁ ପୁରୀରେ ଓ ଏମିତି ଅନେକ ଛୋଟଛୋଟ ଅନୁଷ୍ଠାନରୁ କବିତା ପାଇଁ ସମ୍ମାନିତ ହୋଇଛି। ଓଡ଼ିଆ ସାହିତ୍ୟରେ ସ୍ନାତକୋତ୍ତର କରିଛି କେବଳ ଓଡ଼ିଆ ପ୍ରତି ପ୍ରଗାଢ଼ ଦୁର୍ବଳତା ଯୋଗୁଁ। ୧୯୭୨ରେ ମାଆଙ୍କର ତିରୋଧାନ ହେଲା ପରେ ଅନେକ ଘାତପ୍ରତିଘାତ ଭିତରେ ବଞ୍ଚିବାକୁ ପଡ଼ିଛି। ବାପାଙ୍କର ଅକୁଣ୍ଠ ସହଯୋଗ ଓ ଅଯାଚିତ ସ୍ନେହ କବିତା ଲେଖାକୁ ଆହୁରି ଋଦ୍ଧିମନ୍ତ କରିଛି ସିନା, ମଳିନ ପକାଇ ନାହିଁ। ଏବେ ୬୧ ବର୍ଷରେ ନଥିମେଳରୁ ମୁହଁ ଫେରାଇ ପୁସ୍ତକ ପଠନ ଓ କବିତା ଲିଖନରେ ସମୟ ବିତୁଛି। ଲେଖନୀ ଏବେ ଆହୁରି ଚଳଚଞ୍ଚଳ। ଏ ଯାଏଁ ବହିଟିଏ କରିପାରି ନାହିଁ ବୋଲି ମନରେ ଅନେକ ଅବସୋସ।

## ପୁସ୍ତକ ପରିଚୟ



### କଥା ସରିନାହିଁ

**ଲେଖକ:** ବିପିନ ବିହାରୀ ମିଶ୍ର

**ପ୍ରକାଶକ:** ଲାର୍କ ବୁକ୍ସ, ଭୁବନେଶ୍ୱର

**ପ୍ରଥମ ପ୍ରକାଶ:** ୨୦୧୮, ମୂଲ୍ୟ: ଟ.୨୫୦/-




''କଥା ସରିନାହିଁ (ମୋ କଥା)'' ବିପିନ ବିହାରୀ ମିଶ୍ରଙ୍କ ଆତ୍ମଜୀବନୀ, ଯାହାର ମୁଖବନ୍ଧରେ ଲେଖକ ଲେଖିଛନ୍ତି: ''ଆତ୍ମଜୀବନୀରେ ମୁଁ ବିଶିଷ୍ଟ ନ ହୋଇ ତାକୁ ଘଟଣାବିଶିଷ୍ଟ କରିବା ପାଇଁ ଚେଷ୍ଟା କରିଛି। କିନ୍ତୁ ଆତ୍ମଜୀବନୀରେ 'ମୁଁ' କୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ଦେବା ଏକ ପ୍ରକାର ଅସମ୍ଭବ। ତେଣୁ ମଝିରେମଝିରେ 'ମୁଁ' ଉଙ୍କିମାରିଛି ଓ ପାଠକେ ଆଖି ତରାଟିବା ପୂର୍ବରୁ ଅପସରି ଯାଇଛି।'' ୪୪୪ ପୃଷ୍ଠାର ଏ ବହିଟିର ଏପରି ଗୋଟିଏ ପୃଷ୍ଠା ନାହିଁ, ଯହିଁରୁ କ୍ଳାଂତ ଅନୁଭବ କରି ପାଠକ ତା' ଆଖି ଫେରେଇ ନେବ। ନିଜ ଜୀବନର ପ୍ରତ୍ୟେକଟି ସ୍ମରଣୀୟ ଘଟଣା ଗ୍ରନ୍ଥରେ ଅତି ରସାଳ ଭଂଗୀରେ ସ୍ଥାନ ପାଇଛି। ୧୦୬ ପୃଷ୍ଠାରେ ବୀରେନ୍ ମିତ୍ର ଓ ମିଃ ସିଂହଙ୍କ 'ଶଳା' ଶବ୍ଦକୁ ନେଇ କଥୋପକଥନ ଓ ୬୯ ପୃଷ୍ଠାରେ ଇଂରାଜୀ ଶବ୍ଦର ସମ୍ବଲପୁରୀ, କଟକୀ ଓ କଲିକତି (ବଂଗାଳୀ) ଉଚ୍ଚାରଣରେ ଥିବା ପ୍ରଭେଦ ପ୍ରସଙ୍ଗ ପଢ଼ିଲେ ପାଠକେ ହାସ୍ୟ ସମ୍ବରଣ କରିବା କ୍ୱଚିତ୍ ସମ୍ଭବ। ଲେଖକ 'ଆକ୍‌ସନ୍' କହିବାରୁ ତା'ର ପ୍ରତିବାଦରେ ତାଙ୍କ ସମ୍ବଲପୁରୀ ସାଙ୍ଗଟି ପ୍ରତିବାଦ କରି କହିଲା- 'ତୁମେ କଟକିଏ କେନ୍ତା ଇଂଲିଶ୍ କହଶବୋ, କହ 'ଏକସନ୍'। ବିବାଦ ନ ତୁଟିବାରୁ ଉଭୟେ ଗଲେ ଇଂରାଜୀ ଶିକ୍ଷକ ରାଜକୁମାର ସରକାରଙ୍କ ପାଖକୁ। ସେ ପୂର୍ବବଂଗରୁ ଆସିଥିବା ଶରଣାର୍ଥୀ। ସାର୍ ପଚାରିଲେ- 'ତୁମି କି ବୋଇଲୋ'। ଲେଖକ କହିଲେ- 'ଆକ୍‌ସନ୍'। ସାର୍ କହିଲେ- 'ରଙ୍ଗ୍ ବିଲ୍‌କୁଲ୍ ରଙ୍ଗ୍'। ସାର୍ ପୁଣି ଲେଖକଙ୍କ ସମ୍ବଲପୁରୀ ସାଙ୍ଗକୁ ପଚାରିଲେ- 'ଆଚ୍ଛା ତୁମି?' ସାଙ୍ଗଟି କହିଲା-'ଏକସନ୍'। ସାର୍ କହିଲେ- 'ନୋ'। 'ଆକସନ୍' ନୁହେଁ କି 'ଏକସନ୍' ନୁହେଁ, ଆରେ ବୋଲ 'ୟାକ୍‌ସୋନ୍'। ଏହିଭଳି ବହିଟି ସାରା ଲୋକମେଳରେ ଗପକଲା ପରି ଲେଖକ ନିଜ ଜୀବନର ନାନା ଅନୁଭୂତି ବଖାଣିଛନ୍ତି। କିନ୍ତୁ ଉଚିତ ହେଇଥାନ୍ତା, ଯଦି ବହିଟିରେ ପରିଚ୍ଛେଦ ବା ଅଧ୍ୟାୟ ବିଭାଜନ ରହିଥା'ନ୍ତା!

### ବିବିଧ ଆଲୋଚନା

**ଲେଖକ:** ବାବାଜି ଚରଣ ପଟ୍ଟନାୟକ

**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ

**ପ୍ରଥମ ପ୍ରକାଶ:** ୨୦୧୮, ମୂଲ୍ୟ: ଟ.୧୦୦/-

'ବିବିଧ ଆଲୋଚନା' ସମୀକ୍ଷା-ଗ୍ରନ୍ଥରେ ସାହିତ୍ୟର ବିଭିନ୍ନ ପ୍ରସଙ୍ଗକୁ ନେଇ ମୋଟ ୩୫ଟି ଲେଖା ସ୍ଥାନିତ ହୋଇଛି। 'ଗ୍ରନ୍ଥ ପ୍ରବେଶ'ରେ ଥିବା ସୂଚନା ଅତି ସ୍ୱଷ୍ଟ, ଯହିଁରେ ଓଡ଼ିଆ ଭାଷା, ଓଡ଼ିଶାର ଲୋକସଂସ୍କୃତି, ଓଡ଼ିଆ ସନ୍ଥପରମ୍ପରା, ଓଡ଼ିଆ ସାହିତ୍ୟ ଓ ସାହିତ୍ୟିକଙ୍କ ମୂଲ୍ୟାୟନ ଆଦି ଆଲୋଚନାର ପ୍ରସଙ୍ଗ ବୋଲି ଉଲ୍ଲେଖ ରହିଛି। ବିଷୟବସ୍ତୁ ଓ ଆଲୋଚନା ପଦ୍ଧତିର ବିବିଧତା ଯୋଗୁଁ ଯେ ଗ୍ରନ୍ଥର ଶିରୋନାମ ରଖାଯାଇଛି 'ବିବିଧ ଆଲୋଚନା' ଏହା କହିବା ଅନାବଶ୍ୟକ। ଏସବୁ ବାରମିଶିଲି ଆଲୋଚନା ଭିତରେ କିନ୍ତୁ ଓଡ଼ିଆ ଭାଷା, ଜାତି, ସାହିତ୍ୟ ଓ ସଂସ୍କୃତିର ମଞ୍ଜ ଚିହ୍ନାଇବାର ଯେଉଁ ପ୍ରଚେଷ୍ଟା ରହିଛି, ତାହା ସ୍ୱାଗତଯୋଗ୍ୟ। 'ସାରଳା-ସାହିତ୍ୟ ସମୀକ୍ଷା: ଏକ ବିଚାର ବିମର୍ଶ' ନିବନ୍ଧଟି ଲେଖକଙ୍କ ବହୁପାଠିତା ଓ ମୌଳିକ ବିଚାର ଦୃଷ୍ଟିର ପରିଚାୟକ ହେଲେ ବି ପ୍ରବନ୍ଧର ଶେଷାଂଶରେ କଟକ ତୁଳସୀପୁର ଠାରେ ଅବସ୍ଥାପିତ 'ସାରଳା ସାହିତ୍ୟ ସଂସଦ'ର ପ୍ରଶସ୍ତି ଅବାଂଛିତ ମନେହୁଏ। ଗ୍ରନ୍ଥରେ ସ୍ଥାନିତ 'ଓଡ଼ିଆ ସନ୍ଥ ସାହିତ୍ୟ', 'ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ସଙ୍ଗଠନରେ ପାଲାର ଭୂମିକା', 'ପଦ୍ମିନୀରେ ଗଙ୍ଗାଧରଙ୍କ ଜୀବନାଲେଖ୍ୟ', 'ଗାଥା କବିର ଭାଗ୍ୟ: କବି ରାଧାମୋହନ ଗଡ଼ନାୟକ', 'ଆୟୁଷ୍ମାନ୍ କବି ବୀର କିଶୋର ଦାସ', 'ଓଡ଼ିଶାରେ ଜାତୀୟ ସଂଗ୍ରାମର ବାର୍ତ୍ତା ପ୍ରଚାରରେ ମୁକ୍ତିଗୀତିକା', 'ଗବେଷକ ଗୋପୀନାଥ ମହାନ୍ତି', 'କବି ଭୀମଭୋଇ' ଓ 'ଓଡ଼ିଆ ପୁରାଣକାର ଅଚ୍ୟୁତାନନ୍ଦ ଦାସ' ପ୍ରଭୃତି ପ୍ରବନ୍ଧ ବେଶ୍ ଅନନ୍ୟ। ବ୍ୟକ୍ତିଗତ ପଠନ ଗୃହ ଓ ପାଠାଗାର- ଉଭୟ ପାଇଁ ବହିଟି ଏକ ଉଜ୍ଜ୍ୱଳ ଉପାର୍ଜନ।




### ସବୁକାନ୍ଥ ଏବେ ମାୟା

**କବି:** ପ୍ରହଲ୍ଲାଦ ଶତପଥୀ

**ପ୍ରକାଶକ:** ଟାଇମ୍ ପାସ୍, ଭୁବନେଶ୍ୱର

**ପ୍ରଥମ ପ୍ରକାଶ:** ୨୦୧୮, ମୂଲ୍ୟ: ଟ. ୧୧୫/-




ମୋଟ ୪୫ଟି କବିତାକୁ ନେଇ 'ସବୁକାନ୍ଥ ଏବେ ମାୟା'ର ପରିକଳ୍ପନା। 'ସ୍ୱୀକାରୋକ୍ତି'ରେ କବି ଲେଖିଛନ୍ତି: ''ସତରେ କ'ଣ କବିତା କେବେହେଲେ ଲେଖା ସରିଛି? କବିତା ପ୍ରସ୍ତୁତିଟାଏ କେବଳ। ଏଇ ଯେମିତି ତୁମର ସୁନ୍ଦର କାନ ଦିଓଟି ମୋ' ପଟେ ଅନେଇଛି ଓ ମୋ' ଓଠ କିଛି ବି ନ କହି ଅନେକ କିଛି କହିଦେଇଛି।'' ପ୍ରହଲ୍ଲାଦ କବିତାକୁ ଯେ ଏକ ଗଭୀର ସୃଜନ କର୍ମ ମନେକରନ୍ତି ଏହି ଉଲ୍ଲେଖରୁ ତାହା ବୁଝି ହୁଏ। ''ମୁଁ ହିଁ ମୋତେ କିଣେ'' ଶୀର୍ଷକ କବିତାରେ କବି ଲେଖନ୍ତି: ''କିଣାବିକାରେ ମସ୍‌ଗୁଲ୍ ବଜାର / ଲିପ୍‌ଷ୍ଟିକ୍ ଓଠରେ / ମିଠାମିଠା ସ୍ୱପ୍ନ ଆଖିରେ / ଉଡ଼ାଣ ମୁଦ୍ରାରେ ମଣିଷ / ଚେରେଇ ଯାଉନି ପାଦ କିଆଁ ତା'ର ମାଟିରେ? / କିଏ କହିବ?/ ସବୁରି ଓଠରେ ତାଲା / କବିତା ବନ୍ଦ ଜେଲଖାନାରେ!'' କବି ପ୍ରହଲ୍ଲାଦ ଜୀବନର ସୂକ୍ଷ୍ମ ଉପଲବ୍ଧି ସହ ଗୋଟା ସଂସାରର ଅନ୍ଧିକନ୍ଧିକୁ ତାଙ୍କ କବିତାରେ ଯେପରି ତୋଳିଧରନ୍ତି, ତା'ର ପଟାନ୍ତର ତାଙ୍କ ସମକାଳର କ୍ୱଚିତ୍ କବିତାରେ ସୁଲଭ। 'ଫୁଲ' ଓ 'ନିଆଁ'ର ବିସ୍ମୟକର ଦୋଳିଖେଳକୁ ଲକ୍ଷ୍ୟ କରିହୁଏ ବହିଟିର ବହୁ କବିତାରେ।

### ଲୋକ ସଂସ୍କୃତି ଓ ଲୋକ ସାହିତ୍ୟରେ କନ୍ଧମାଳ

**ଲେଖକ:** ଡ. ବିଭୂତି ଭୂଷଣ ଆଚାର୍ଯ୍ୟ

**ପ୍ରକାଶକ:** ଲିପିକା, ଜଟଣୀ, ପୁରୀ

**ପ୍ରଥମ ପ୍ରକାଶ:** ୨୦୧୮, ମୂଲ୍ୟ: ଟ.୩୦୦/-




ଗବେଷଣା ଗ୍ରନ୍ଥଟିର 'ମୁଖବନ୍ଧ'ରେ ବିଭୂତି କହିଛନ୍ତି ଯେ ସେ ତାଙ୍କର ଏ ପୁସ୍ତକରେ କନ୍ଧମାଳର କନ୍ଧ ଜନଜାତିର ସାଂସ୍କୃତିକ ଐତିହ୍ୟ ଓ ପରମ୍ପରାକୁ ଲୋକଲୋଚନକୁ ଆଣିବା ସହ ନୂଆ ବାଗରେ ତାଙ୍କ ବକ୍ତବ୍ୟର ଉପସ୍ଥାପନା କରିଛନ୍ତି। ମହେନ୍ଦ୍ର କୁମାର ମିଶ୍ର ଗ୍ରନ୍ଥ ସମ୍ବନ୍ଧରେ ତାଙ୍କର ଅନୁଭବ ବ୍ୟକ୍ତ କରି କହିଛନ୍ତି ଯେ, ଗବେଷକ ତାଙ୍କର ଏ ନିବନ୍ଧରେ ସ୍ଥାନର ଜ୍ଞାନକୁ ସମୟର ବିନ୍ଦୁରେ ବାନ୍ଧି ରଖିବାର ପ୍ରୟାସ କରିଛନ୍ତି। ଭୂମିର ଇତିହାସ ଲେଖୁଲେଖୁ ସମୟର ଇତିହାସ ବି ଲେଖି ପକାଇଛନ୍ତି। ପାଞ୍ଚଟି ପରିଚ୍ଛେଦରେ ବିଭକ୍ତ ନିବନ୍ଧ ଗ୍ରନ୍ଥଟିରେ କନ୍ଧମାଳର ପରିଚୟ, ଇତିହାସ, ଲୋକସଂସ୍କୃତି ଓ ଧର୍ମଧାରା, ଲୋକ ସାହିତ୍ୟ, କୁଇ ଲୋକଗୀତ ଓ ଲୋକକଥା ତଥା କନ୍ଧମାଳର ଆଦିବାସୀ ଓ ଅଣଆଦିବାସୀ ସଂସ୍କୃତି ତଥା ସାହିତ୍ୟ ସମ୍ପର୍କରେ ଯେଉଁ ତଥ୍ୟନିଷ୍ଠ ଆଲୋଚନା ହୋଇଛି, ତାହା ଆଗ୍ରହୀ ପାଠିକାପାଠକ, ଗବେଷକମାନଙ୍କୁ ନାନା ଭାବେ ଉପକୃତ କରାଇବ।

### ଆମ ଲୋକ ଦେବତା

**ସମ୍ପାଦନା:** ଡ. ଦୁର୍ଗାମାଧବ ନନ୍ଦ

**ପ୍ରକାଶକ:** ଲୋକ ସଂସ୍କୃତି ଗବେଷଣା ପରିଷଦ, ପୁରୀ-୨

**ପ୍ରଥମ ପ୍ରକାଶ:** ୨୦୧୭, ମୂଲ୍ୟ: ଟ.୨୫୦/-




'ଲୋକ ସଂସ୍କୃତି ଗବେଷଣା ଗ୍ରନ୍ଥମାଳା'ର ଏହା ଦଶମ ଅବଦାନ। ଏଥିରେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକ ଦେବଦେବୀଙ୍କ ସମ୍ପର୍କରେ ଯେଉଁ ଅଧ୍ୟୟନ ହୋଇଛି, ତା'ର ଦୃଷ୍ଟିକୋଣ ମୁଖ୍ୟତଃ ସାଂସ୍କୃତିକ। ବହୁ ପ୍ରଥିତଯଶା ଗବେଷକ ଓ ନୂତନ ଲେଖକ ଓଡ଼ିଶାର ଦେବଦେବୀଙ୍କ ସମ୍ପର୍କରେ ନିବନ୍ଧମାନ ଲେଖିଛନ୍ତି, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ବେଣୀମାଧବ ପାଢ଼ୀ, ବ୍ରଜକିଶୋର ସ୍ୱାଇଁ, ଅରବିନ୍ଦ ପଟ୍ଟନାୟକ, ଶ୍ରୀଶ ପଟେଲ, ମନୀନ୍ଦ୍ର ମହାନ୍ତି, ମଥୁରେନ୍ଦ୍ର ପୃଷ୍ଟି, ବାୟାମନୁ ଚର୍ଚ୍ଚି ଓ ଦୁର୍ଗାମାଧବ ନନ୍ଦ ପ୍ରମୁଖ। ବିଭିନ୍ନ ଜନଜାତିର ଦେବତାମାନଙ୍କ ସମ୍ପର୍କରେ ଯେଉଁ ଉଲ୍ଲେଖ ସବୁ ରହିଛି ଗ୍ରନ୍ଥସ୍ଥ ପ୍ରବନ୍ଧରେ, ତାହା ଆଗ୍ରହୀ ପାଠକ ଓ ଗବେଷକଙ୍କ ପାଇଁ ସହାୟକ ହୋଇପାରିବ। ଆମ ଲୋକଦେବ ଓ ଲୋକଦେବୀଙ୍କ ନାଁ ବି କି ବିଚିତ୍ର! ଯଥା: ବୀରଖମ୍ବ, ବୀରାଳୀ, ଡଙ୍ଗର ଦେଇ (କୋରାପୁଟ), ଗ୍ରାମଶ୍ରୀ (କେନ୍ଦୁଝର), ସତ୍ୟବାଦୀ (ପୁରୀ), ମହେନ୍ଦ୍ରେଶ୍ୱରୀ (ଗଜପତି), ଡୋମଣୀ (ବାଣପୁର), କାରାବୁଢ଼ୀ (କନ୍ଧମାଳ), ବଞ୍ଜାରିଣୀ, ଦଶମୁଣ୍ଡିଆଣୀ, ଗର୍ଭରାଇ, ବିଡିରିଦେବୀ (ନବରଙ୍ଗପୁର), ସିଂହାସନୀ (ଗଞ୍ଜାମ), ଧାମରାଇ (ଭଦ୍ରକ), ବଜ୍ରସୁନା (ଜଗତ୍‌ସିଂହପୁର), ମାଣିକେଶ୍ୱରୀ (କଳାହାଣ୍ଡି)। ଏସବୁ ଦେବଦେବୀଙ୍କୁ ଜାଣିବା ପାଇଁ ଲୋକମନରେ ଯେଉଁ ଦୁର୍ନିବାର କୌତୂହଳ ସଂଚିତ, ତା'ର ପ୍ରଶମନ ଗ୍ରନ୍ଥଟିର ତଥ୍ୟନିଷ୍ଠ ନିବନ୍ଧ ଦ୍ୱାରା ଯେ ସମ୍ଭବ, ଏଥିରେ ସନ୍ଦେହ ନାହିଁ।